**କୂଅରୁ ମହିଳା କଣ୍ଡକ୍ଟରଙ୍କ ମୃତଦେହ ଜବତ**

ପୁରୁଣା ଭୁବନେଶ୍ୱର/ଭୁବନେଶ୍ୱର,(ବ୍ୟୁରୋ): ଶ୍ରୀଲିଙ୍ଗରାଜ ଥାନା ଅନ୍ତର୍ଗତ ଶ୍ରୀରାମ ନଗର ଲେନ୍ ଅଞ୍ଚଳରେ ଭଡ଼ାରେ ରହୁଥିବା ଜଣେ ଯୁବତୀଙ୍କ ମୃତଦେହ ଘର ନିକଟ ଏକ କୂଅରୁ ମିଳିଛି। ସେ ହେଲେ ବାଲେଶ୍ୱର ସିମୁଳିଆ ଥାନା ଅଞ୍ଚଳର କ୍ରିଷ୍ଣା ମହାନ୍ତି(୩୪)। ସେ ମୋ ବସ୍‌ରେ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୧) ରୁଜୁ କରି ତଦନ୍ତ କରୁଛି। ଥାନା ଅଧିକାରୀ ଶରତ ପାତ୍ର କହିଛନ୍ତି, ମୃତା କ୍ରିଷ୍ଣା ଛାତ ଉପରୁ କଥା ହେଉଥିବାବେଳେ ଭାରସାମ୍ୟ ହରାଇ କୂଅରେ ପଡ଼ିଯାଇଥିବା ସନ୍ଦେହ କରାଯାଉଛି।

## ସଂକ୍ଷେପରେ

### ବିଲେଇପଦାରେ ଓଭରବ୍ରିଜ୍ ନିର୍ମାଣ ଦାବି

**କେନ୍ଦୁଝର, ୩୧।୧ (ସ୍ୱ.ପ୍ର.):** ଖଣିବହୁଳ ଯୋଡ଼ା ବ୍ଲକ ବିଲେଇପଦା ନିକଟରେ ଏନ୍‌ଏଚ୍ ୫୨୦ରେ ବହୁ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଓ ଟ୍ରେଲର ଆଦି ଭାରିଯାନ ଚଳାଚଳ କରୁଥିବାରୁ ସବୁବେଳେ ଦୁର୍ଘଟଣା ଘଟୁଛି। ଏଥିପାଇଁ ଉକ୍ତ ରାସ୍ତା ଯାତାୟାତ ଅସୁରକ୍ଷିତ ହୋଇ ପଡିଛି। ଏଣୁ ଲୋକେ ରାସ୍ତା ପାର ହୋଇ ଯିବା ଆସିବା କରିପାରୁ ନ ଥିବାରୁ ଶନିବାର ସ୍ଥାନୀୟ ବିରିକଳା ପଞ୍ଚାୟତର ଲୋକେ ଜିଲାପାଳଙ୍କୁ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତାରେ ବହୁ ସଂଖ୍ୟାରେ ଗାଡି ଚଳାଚଳ ଯୋଗୁ ଧୂଳିଧୂଆଁ ସହିତ ରାସ୍ତା ଜାମ ରହୁଥିବାରୁ ରାସ୍ତା ପାର ହୋଇ ପଞ୍ଚାୟତ ଅଫିସ, କର୍ମସ୍ଥଳୀ, ଡାକ୍ତରଖାନା, ଦୋକାନ ବଜାର ଆଦି ଯିବା ଆସିବା କରିହେଉ ନାହିଁ। ଏଣୁ ଉକ୍ତ ସ୍ଥାନରେ ଓଭରବ୍ରିଜ କିମ୍ବା ଡାଇଭରସନ (ବାଇପାସ) ନିର୍ମାଣ କରାଗଲେ ସବୁଦିନ ପାଇଁ ଲୋକ ମାନେ ସୁରକ୍ଷିତ ଯାତାୟାତ କରିପାରିବେ ବୋଲି କହିଛନ୍ତି।

### ପ୍ରଧାନଶିକ୍ଷକଙ୍କ ପରଲୋକ

**ବାଙ୍ଗିରିପୋଷି,୩୧।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ ବଡଗାଁ ପଞ୍ଚାୟତ ପଣସଡିହା ସ୍ଥିତ ସର୍ବମଙ୍ଗଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁପା ସିଂ(୫୪)ଙ୍କ ପରଲୋକ ହୋଇଛି। ସେ ପୂର୍ବରୁ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ। କିଛି ଦିନ ତଳେ ବାରିପଦା ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ପରିବାର ଲୋକେ ଘରକୁ ନେଇଆସିଥିଲେ। ଶନିବାର ଅପରାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସର୍ବମଙ୍ଗଳା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପୀତାମ୍ବର ହାତୀ, ସମୀର ମାଇତି, ନିରଞ୍ଜନ ଗିରି, ନିତ୍ୟାନନ୍ଦ ବେରା, ଚିତ୍ତରଞ୍ଜନ ମହାନ୍ତ, ଲକ୍ଷ୍ମଣ ଚରଣ ମୁର୍ମୁ, ଗଣେଶ୍ୱର ମହାନ୍ତ, ଗୌରହରି ମହାନ୍ତ, ଓଷ୍ଟାର ବ୍ଲକ ସମ୍ପାଦକ ବିକାଶ ପଣ୍ଡା, ନୀଳମଣି ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଗିରି ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

### ପ୍ରାଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଧାମନଗର, ୩୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ବେହେରାଙ୍କୁ ସୋମବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଏହି ଅବସରରେ ମହାବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ସମୀର କୁମାର ହୁଇ ଅଧକ୍ଷତା କରିଥିଲେ। ଅତିଥି ଭାବେ ଅଧକ୍ଷ ପବିତ୍ର ପାଣିଗ୍ରାହୀ, ପ୍ରାଧ୍ୟାପକ ବିନାୟକ ସାହୁ, ସ୍ମରଣିକା ପ୍ରଧାନ ଓ ପ୍ରକାଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ଅଧାପନା ଏକ ବୃତ୍ତି ନୁହେଁ ବ୍ରତ ବୋଲି କହିଥିଲେ। ସଂଘର ସହସମ୍ପାଦକ ସୁରେନ୍ଦ୍ର କୁମାର ଜେନା ଅତିଥି ପରିଚୟ ପ୍ରଦାନ ଓ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ମାନପତ୍ର ପାଠ କରିଥିଲେ। ଅଧାପକ ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଗାନ୍ଧୀଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ଚମ୍ପୁଆ, ୩୧।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଗାନ୍ଧୀ ଛକଠାରେ ମହାତ୍ମା ଗାନ୍ଧୀଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଚମ୍ପୁଆ ବଣିକ ସଂଘ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଠାରେ ଦାବି ଜଣାଇଛି। ଚମ୍ପୁଆ ଏନ୍‌ଏସି ର ବିକାଶ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଦୀର୍ଘଦିନରୁ ଗାନ୍ଧୀ ଛକରେ ଥିବା ପ୍ରତିମୂର୍ତ୍ତି ଅତ୍ୟନ୍ତ ଛୋଟ ଓ ଅଧିକ ଉଚ୍ଚତାରେ ରହିଥିବାରୁ ପାଳନ ହେଉଥିବା ବିଭିନ୍ନ ଜାତୀୟ ଦିବସରେ ଅତିଥି ଅଧିକାରୀ ଓ ଜନସାଧାରଣ ପୁଷ୍ପମାଲ୍ୟ ପ୍ରଦାନ ଆଦି କ୍ଷେତ୍ରରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

### ଖଇରାରେ ଗାନ୍ଧୀ ଶ୍ରାଦ୍ଧୋତ୍ସବ

**ଖଇରା, ୩୧।୧(ଡି.ଏନ.ଏ.):** ସ୍ଥାନୀୟ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଦୁର୍ଗାମଣ୍ଡପ ପରିସରରେ ଗାନ୍ଧୀ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ସକାଳେ ରାମଧୂନ,ଗୀତାପାଠ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଅନ୍ତର୍ଯ୍ୟାମୀ ପାତ୍ର, ସାଧାରଣ ସମ୍ପାଦକ ରାଧାକାନ୍ତ ପାତ୍ର, ସନ୍ତୋଷ କୁମାର ଶତପଥୀ, କରୁଣାକର ମହାନ୍ତି, ମାନସ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଚାଲିଛି ଅବାଧ ବାଲି ଚୋରି

**କେନ୍ଦୁଝର, ୩୧।୧(ସ୍ୱ.ପ୍ର.)**



ବୈତରଣୀରୁ ବାଲି ନିଆଯାଉଛି।

କେନ୍ଦୁଝର ଜିଲାର ବିଭିନ୍ନ ନଦୀ/ନାଳରୁ ବାଲି ଚୋରି ଯୋଗୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ଘଟୁଥିଲେ ହେଁ ଏହାକୁ ରୋକିବା ପାଇଁ ଦୃଢ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏଥିରେ କେତେକ ଦୁର୍ନୀତିଗ୍ରସ୍ତ ରାଜସ୍ୱ ବିଭାଗ କର୍ମଚାରୀ ସାମିଲ ହୋଇଥିବାରୁ ଧରପଗଡ ହେଉନାହିଁ ଏବଂ ଅଭିଯୋଗ କଲେ କାଁ ଭାଁ ଧରି ଫାଇନ ଆଦାୟ କରି ଛାଡିଦିଆଯାଉଥିବା ଅଭିଯୋଗ ହେଉଛି।

ଏଭଳି ପାଟଣା ତହସିଲ ଅନ୍ତର୍ଗତ ବୈତରଣୀର ରାଜନଗର ରାଜସ୍ୱ ନିରୀକ୍ଷକ ସେକସନ ଅଧୀନ କିଆପଡା, ତେନ୍ତଳା ନିକଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଷ୍ଟକ ରଖି ହାଇୱାରେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏବେ ମଧ୍ୟ ଉକ୍ତ ଅଞ୍ଚଳରେ ବହୁ ବାଲି ଉତ୍ତୋଳନ କରି ଷ୍ଟକ ରଖାଯାଇଛି। ଫଳରେ ବ୍ୟାପକ ପରିବେଶ ହାନୀ ଘଟିବା ସହ ବୈତରଣୀ ନଦୀ ପାଇଁ ବିପଦ ସୃଷ୍ଟି ହେବା ଆଶଙ୍କା ରହୁଛି। ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ବାଲି ଷ୍ଟକ ୟାର୍ଡ ନିର୍ମାଣ ହୋଇଥିବା ଏବଂ ଅନୁମତି ନେଇଥିଲେ ନିୟମିତ ଷ୍ଟକ ଯାଞ୍ଚ ହେଉନଥିବାରୁ ବ୍ୟାପକ ରାଜସ୍ୱ ଫାଙ୍କି ହେଉଛି ବୋଲି ମତ ପ୍ରକାଶ ପାଉଛି। ଏହାକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ହସ୍ତକ୍ଷେପ କରିବାକୁ ପରିବେଶବିତ ମାନେ ନିବେଦନ କରିଛନ୍ତି। ଏସମ୍ପର୍କରେ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, ଲିଜ ଦିଆଯାଇନଥିବା ସ୍ଥାନରୁ ବାଲି ଚୋରି ରୋକିବା ପାଇଁ ପଦକ୍ଷେପ ନିଆଯାଉଛି। ତୁରନ୍ତ ଧରପଗଡ କରାଯିବ।

## ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର, ୨ଗିରଫ

**ବଡ଼ବିଲ/ଯୋଡ଼ା/କେନ୍ଦୁଝର, ୩୧।୧(ସ୍ୱ.ପ୍ର./ଡି.ଏନ.ଏ.)**



ଗିରଫ ୨ ଶିକାରୀ।

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳର ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର ଅଭିଯୋଗରେ ବନ ବିଭାଗ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ରୁଗୁଡ଼ି ଥାନା ରୋଇ କ୍ୟାମ୍ପ ହଟିଂ ଅଞ୍ଚଳର ସଲିମ ଓରାମ ଓ ଅନୀଲ ମୁଣ୍ଡା। ମୃତ ବାର୍‌ହା ଓ ଇନ୍‌ସୁଲେଟର ତାରକୁ ବନ ବିଭାଗ ଜବତ କରିଛି।

ସୂଚନା ଅନୁଯାୟୀ, ରବିବାର ବାର୍‌ହା ଶିକାର ନିମନ୍ତେ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ଜିଆଇ ତାର ବିଛାଇ ଦୁର୍ବୃତ୍ତମାନେ ୧୧ କେଭି ବିଦ୍ୟୁତ୍ ତାର ସଂଯୋଗ କରିଥିଲେ। ତେବେ ରାତିରେ ଏକ ବାର୍‌ହା ଏହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ସେଠାରେ ତା'ର ମୃତ୍ୟୁ ଘଟିଥିଲା। ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ଟ୍ରିପ୍ ହୋଇଯାଇଥିଲା। ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଖବର ପହଞ୍ଚିବା ପରେ ବନ ବିଭାଗର ସନ୍ଦେହ ହୋଇଥିଲା। ତୁରନ୍ତ ବଡ଼ବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ ରାଉତଙ୍କ ନେତୃତ୍ୱରେ ଅନ୍ୟ ବନ କର୍ମଚାରୀ, ବଳିତା ଗ୍ରାମ ନିକଟ ଠାକୁରାଣୀ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଅଭିଯୁକ୍ତ ଶିକାରୀ ଦ୍ୱୟଙ୍କୁ ଧରିବାରେ ବନ ବିଭାଗ ସକ୍ଷମ ହୋଇଥିଲା। କେନ୍ଦୁଝର ଡିଏଫ୍‌ଓ ଧନରାଜ ଏଚ୍.ଡି ବଡ଼ବିଲରେ ପହଞ୍ଚି ଏନେଇ ସୂଚନା ଦେଇଛନ୍ତି। ଧନରାଜ କହିଛନ୍ତି ଯେ, ଜଙ୍ଗଲରେ ତାର ବିଛାଇବା ଯୋଗୁ ବାର୍‌ହା, ଅନ୍ୟାନ୍ୟ ଜଙ୍ଗଲୀ ଜୀବଜନ୍ତୁଙ୍କ ସହ ମଣିଷଙ୍କର ମଧ୍ୟ ମୃତ୍ୟୁ ଘଟିବାର ଆଶଙ୍କା ରହିଛି। ତେବେ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ସନ୍ଦେହ କରି ଅଧିକ ତଦନ୍ତ ଜାରି ରହିଛି।

## ମନମୋହନ ଭାରତୀୟ ରେଲଗୋଦାମ ୱାର୍କର୍ସ ୟୁନିୟନର ପ୍ରଭାରୀ



ପ୍ରଭାରୀ ମନମୋହନ ସେଠୀଙ୍କୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଯାଉଛି।

**ବାଲେଶ୍ୱର ଅଫିସ, ୩୧।୧**

ଭାରତୀୟ ରେଲଗୋଦାମ ୱାର୍କର୍ସ ୟୁନିୟନ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶର ପ୍ରଭାରୀ ଭାବେ ମନମୋହନ ସେଠୀଙ୍କୁ ମନୋନୀତ କରାଯାଇଥିବା ବାଲେଶ୍ୱରସ୍ଥିତ ୟୁନିୟନ ଅଫିସ୍ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଯାଇଛି। ଜଣେ ଓଡ଼ିଆ ଭାବରେ ସେଠୀଙ୍କୁ ଦାୟିତ୍ୱ ମିଳିଥିବାରୁ ଜିଲା ସମେତ ରାଜ୍ୟର ବିଭିନ୍ନ ରେଲଗୋଦାମ ୱାର୍କର୍ସ ୟୁନିୟନର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀୟ ରେଲଗୋଦାମ ୱାର୍କର୍ସ ୟୁନିୟନ ଗତ ୧୯୯୮ରୁ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ଅଧିକାର ପାଇଁ ସଂଗ୍ରାମ କରିଆସୁଛି। ୱାର୍କର୍ସ ୟୁନିୟନ ପ୍ରଚେଷ୍ଟା ଫଳରେ ରେଳ ମନ୍ତ୍ରଣାଳୟ ଏବଂ ଶ୍ରମ ମନ୍ତ୍ରଣାଳୟ ସହିତ ରେଳ ଗୋଦାମର ଶ୍ରମିକଙ୍କ ଅଧିକାର ପାଇଁ ଦୁଇଥର ତ୍ରିପାକ୍ଷିକ ବୈଠକ ହୋଇଯାଇଛି। ପ୍ରଥମ ତ୍ରିପାକ୍ଷିକ ବୈଠକ ୨୦୦୩ ଅକ୍ଟୋବର ୨୮ ଓ ଦ୍ୱିତୀୟ ବୈଠକ ୨୦୨୧ ମାର୍ଚ୍ଚ ୨୩ରେ କରାଯାଇ ଶ୍ରମିକମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଆଲୋଚନା କରାଯାଇ ସମାଧାନ ରାସ୍ତା ବାହାର କରାଯାଇଛି। ଫଳରେ ଶ୍ରମ ମନ୍ତ୍ରଣାଳୟ ଟ୍ରେଡ ୟୁନିୟନ ଦ୍ୱାରା ଦିଆଯାଇଥିବା ୧୩ଟି ଦାବିକୁ ଅନୁମୋଦନ ଦେଇଛି ଏବଂ ରେଳ ମନ୍ତ୍ରଣାଳୟକୁ ୟୁନିୟନର ଦାବିକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଛି। ଅନ୍ୟପକ୍ଷରେ ଇ-ଶ୍ରମ ପୋର୍ଟାଲରେ କର୍ମଚାରୀଙ୍କ ସରକାରୀ ପଞ୍ଜୀକରଣ କାର୍ଯ୍ୟ ଜାରି ରହିଛି। ଶ୍ରମିକମାନଙ୍କର ଡାଟାବେସ୍ ପ୍ରସ୍ତୁତ କରିବା, ସେମାନଙ୍କର ଠିକ୍ ବେତନ ହାର ଓ ବେତନ ସ୍କେଲ୍ ଦିଗରେ ସରକାରଙ୍କ ସହ ମିଶି ୟୁନିଅନ୍ ପକ୍ଷରୁ କାର୍ଯ୍ୟ କରାଯାଉଛି। ଦୀର୍ଘ ୨୩ ବର୍ଷ ୟୁନିଅନ୍‌ର ଅକ୍ଳାନ୍ତ ପରିଶ୍ରମ ଫଳରେ ଏସବୁ ସମ୍ଭବ ହୋଇପାରୁଛି। ଏହାକୁ ନେଇ କିଛି ବିଭ୍ରାନ୍ତକାରୀ ଶ୍ରମିକ ନେତା ଭୁଲ୍ ପ୍ରଚାର କରୁଛନ୍ତି। ଫଳରେ ଏଠାରୁ ଦୂରେଇ ରହି ୟୁନିୟନ୍‌କୁ ଅଧିକ ଶକ୍ତିଶାଳୀ କରିବା ସହ ସଙ୍ଗଠିତ ରହିବାକୁ ପ୍ରଭାରୀ ସେଠୀ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଛନ୍ତି।

## ୨୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

**ବାଲେଶ୍ୱର ଅଫିସ, ୩୧।୧**

ବାଲେଶ୍ୱର ଜିଲା ଅବକାରୀ ବିଭାଗ ପକ୍ଷରୁ ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡ ଓ ବସ୍ତା ରେଲଷ୍ଟେଶନରୁ ଚଢ଼ାଉ କରାଯାଇ ୨୫କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଏନେଇ ଜିଲା ଭ୍ରାମ୍ୟମାଣ ଅବକାରୀ ଥାନାରେ ମାମଲା ଓ ବସ୍ତା ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଡେପୁଟି କମିଶନର ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ଗଞ୍ଜାମ, ବ୍ରହ୍ମପୁର ଅଞ୍ଚଳରୁ ଭୁବନେଶ୍ୱର ଦେଇ ରେଳ, ବସ୍ ଏବଂ ୪ଚକିଆ ଗାଡ଼ିରେ ଗଞ୍ଜେଇ ବାଲେଶ୍ୱର ସମେତ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରିବା ସହ ପାଟ୍ରୋଲିଂ ଜାରି ରଖିଛି। ଖବରପାଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ପାଢ଼ୀ, ସଦର ଇନ୍ସପେକ୍ଟର ପ୍ରବୀର କୁମାର ପ୍ରଧାନ, ନୀଳଗିରି ଇନ୍ସପେକ୍ଟର ନାରାୟଣ ବେହେରା, ସଦର ଓଆଇସି ବାଳକ ବିସି, ଭ୍ରାମ୍ୟମାଣ ଅବକାରୀ ଥାନା ଅଧିକାରୀ ଗାଲୁରାମ ସୋରେନ ଓ ସବ୍ ଇନ୍ସପେକ୍ଟର ଭଗବାନ ମହାନନ୍ଦିଆ ପ୍ରମୁଖ ଚଢ଼ାଉ କରିଥିଲେ। ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡରୁ ସୌରଭ ମଲ୍ଲା (୨୪)ଙ୍କ ନିକଟରୁ ୧୫କେଜି ଓ ବସ୍ତା ରେଲଷ୍ଟେଶନରୁ ଜୁଲଫିକର ମଲ୍ଲା (୩୯)ଙ୍କ ନିକଟରୁ ୧୦କେଜି ଗଞ୍ଜେଇ ଜବତ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଛି। ଉଭୟ ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଜିଲା ଜଳାଙ୍ଗୀ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି ପୋଲିସ, ଅବକାରୀ ଓ ବନବିଭାଗ ପକ୍ଷରୁ ମିଳିତ ଭାବେ ରେମୁଣା ଥାନା ମନ୍ଦାରପୁରସ୍ଥିତ ଗ୍ରାମ୍ୟ ଜଙ୍ଗଲରେ ଚଢ଼ାଉ କରାଯାଇ ୩ହଜାର ଲିଟର ପୋଚକୁ ନଷ୍ଟ କରାଯିବା ସହ ୪୪୭ ଲିଟର ଦେଶୀ ମଦ ଓ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏନେଇ ୬ ମାମଲା ରୁଜୁ କରାଯିବା ସହ ୪ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ଗୁରୁଙ୍କୁ ପୂଜାର୍ଚ୍ଚନା, ସମ୍ବର୍ଦ୍ଧନା



କରୁଣାକରଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଗୁରୁମାନେ।

**ଖଇରା, ୩୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ କଡମିଆଁ ଗ୍ରାମର କରୁଣାକର ପାଣି(୫୭) ପ୍ରଥମରୁ ସ୍ନାତକ ପର୍ଯ୍ୟନ୍ତ ପାଠ ପଢାଇଥିବା ଗୁରୁ ମାନଙ୍କୁ ସସମ୍ମାନେ ଘରକୁ ଆଣି ପୂଜାର୍ଚ୍ଚନା କରି ଜଣେ ଉତ୍ତମଛାତ୍ରର ପରିଚୟ ଦେଇଛନ୍ତି। ଗୁରୁଙ୍କ ମଧ୍ୟରେ ରାଧାଶ୍ୟାମ ପଣ୍ଡା, ସୁରେନ୍ଦ୍ର ସାମଲ, ଗଜେନ୍ଦ୍ର ପ୍ରସାଦ ଦାସ, ବସନ୍ତ କୁମାର ଜେନା, ଦିବାକାର ରଥ, ଚକ୍ରଧର ପଣ୍ଡା, ମୂରଲୀଧର ପାଣିଗ୍ରାହୀ, ପଦନ ଚରଣ ମଲ୍ଲିକ, ମହେନ୍ଦ୍ର ପ୍ରସାଦ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜନାର୍ଦ୍ଦନ ମହାପାତ୍ର, ବିଶ୍ୱନାଥ ପଣ୍ଡା, ଦୀନବନ୍ଧୁ ନାୟକ, ଗୋବିନ୍ଦଚନ୍ଦ୍ର ସାହୁ, ଦୀନବନ୍ଧୁ ପାଣି, ଲମ୍ବୋଦର ପାଣି, ଅନ୍ତର୍ଯ୍ୟାମୀ ଶତପଥୀ, ରକ୍ମିଣୀ ପାଣି ପ୍ରମୁଖ ଅଛନ୍ତି। ସମସ୍ତ ଗୁରୁଙ୍କୁ ନିଜ ଗ୍ରାମରେ ଏକାଠି କରି ପୂଜାର୍ଚ୍ଚନା କରିବା ସହିତ ଉପଢୌକନ ପ୍ରଦାନ କରିଥିଲେ। ଏଭଳି ପୂଜ୍ୟପୂଜା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୋଲି ଗୁରୁମାନେ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। କରୁଣାକରଙ୍କର ଏହି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । ଗୁରୁଙ୍କ ଆଶୀର୍ବାଦ ଶିଷ୍ୟଙ୍କ ପାଇଁ କବଚ ଭଳି କାର୍ଯ୍ୟ କରିବ ବୋଲି କରୁଣାକର କହିଛନ୍ତି ।

## ଉପଜିଲାପାଳଙ୍କ ଉପସ୍ଥିତିରେ ଟ୍ରେଞ୍ଚ ଖୋଳା

**ଚମ୍ପୁଆ, ୩୧।୧(ଡି.ଏନ.ଏ.)**



ଟ୍ରେଞ୍ଚ ଖୋଳାଯାଉଥିବା ସ୍ଥାନରେ ଅଧିକାରୀମାନେ।

କେନ୍ଦୁଝର ଜିଲା ଚମ୍ପୁଆ ଓ ଝୁମ୍ପୁରା ତହସିଲ୍‌ର ସୀମାନ୍ତ ଅଞ୍ଚଳରେ ବାଲି ଚୋରି ହେଉଥିବା ବେଳେ ସୋମବାର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉଭୟ ଅଞ୍ଚଳରେ ଟ୍ରେଞ୍ଚ ଖୋଳା ଯାଇଛି। ଖୋଦ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟଙ୍କ ଉପସ୍ଥିତିରେ ଏହା ଖାଳା ଯାଇଥିବା ବେଳେ ବାଲି ମାଫିଆଙ୍କ ମଧ୍ୟରେ ଘୋର ଆତଙ୍କର ବାତାବରଣ ଦେଖାଦେଇଛି।

ସୂଚନା ଅନୁସାରେ ଗୋପୀନାଥ ପୁର ଠାରେ ଥିବା ଏହି ଅରଡେଇ ନଦୀର ଉଭୟ ପାର୍ଶ୍ୱରୁ ଟ୍ରାକ୍ଟର ଯୋଗେ ବାଲି ମାଫିଆ ମାନେ ବାଲି ଚୋରି କରୁଥିଲା ବେଳେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିଲେ। ଏ ନେଇ ଗଣ ମାଧମରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ଚଢାଉ କରାଯାଇଥିଲା। ନିୟମିତ ହେଉଥିବା ବାଲି ଚୋରି ପାଇଁ ଝୁମ୍ପୁରା ତହସିଲ୍‌ର ଚଉଠିଆ ରାଜସ୍ୱ ନିରୀକ୍ଷକ ଓ ଚମ୍ପୁଆ ତହସିଲର ରିମୁଳି ରାଜସ୍ୱ ନିରୀକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଅତିରିକ୍ତ ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯିବ।

## ଶାଳକଙ୍କ ସନ୍ଦେହଜନକ ମୃତ୍ୟୁ

**କୁଳିଅଣା,୩୧।୧(ଡି.ଏନ.ଏ.)**

### ଭିଣୋଇଙ୍କୁ ପୋଲିସ ଜିମା ଦେଲେ ଲୋକେ

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଖୁକୁଣ୍ଡିଆ ଗ୍ରାମର ପରାଶ ମୁର୍ମୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୩/୨୨)ରୁଜୁ କରି ତଦନ୍ତ ଚଳାଇଛି। ତେବେ ସୋମବାର ସ୍ଥାନୀୟ ଲୋକେ ମୃତ ପରାଶଙ୍କ ଭିଣୋଇଙ୍କୁ ହତ୍ୟାକାରୀ ସନ୍ଦେହରେ ଧରି ପୋଲିସ ଜିମା ଦେଇଛନ୍ତି। ଲୋକେ ତାଙ୍କୁ ଚଲାଇ ଚଲାଇ ଥାନାକୁ ନେଉଥିବା ବେଳେ ପୋଲିସ ପହଞ୍ଚି ଅଧାବାଟରୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲା। ତେବେ ପୋଲିସ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ଲୋକେ ୧୮ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପରେ ଏସ୍‌ଡିପିଓ କେ.କେ. ହରିପ୍ରସାଦ, ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ଜାନୀ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନା ଅନୁଯାୟୀ, ଗତ ୧୮ ତାରିଖରୁ ପରାଶ ନିଖୋଜ ଥିଲେ। ୧୯ ତାରିଖରେ ଗାଁ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିଲା। ପରାଶଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦିଆଯାଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତ ପରାଶଙ୍କ ଭିଣୋଇଙ୍କୁ ହତ୍ୟାକାରୀ ସନ୍ଦେହରେ ଧରି ଲୋକେ ପୋଲିସ ଜିମା ଦେବାକୁ ନେଉଥିଲେ। ମାତ୍ର ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ନେଇଯାଇଥିଲା। ପୋଲିସ ତାଙ୍କୁ ଅଧାବାଟରୁ ଥାନାକୁ ନେଇଯିବା ପ୍ରତିବାଦରେ ଲୋକେ ରାସ୍ତା ଅବରୋଧ କରିଥିଲେ। ଏନେଇ ଥାନା ଅଧିକାରୀ ଜାନୀଙ୍କୁ ପଚାରିବାରୁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଏବେ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ହତ୍ୟା ସମ୍ପର୍କରେ ପ୍ରମାଣ ମିଳିଲେ ନିଶ୍ଚୟ ଦୋଷୀଙ୍କୁ ଧରାଯିବ ବୋଲି କହିଛନ୍ତି।

## ୧୫୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୪ ଗିରଫ

**ଜଳେଶ୍ୱର, ୩୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। କାରବାରରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଚଢାଉ ଜାରି ରହିଥିଲା। ଉଲ୍ଲେଖଯୋଗ୍ୟ, ଗତ ୨ ଦିନ ତଳେ ୩୧୫ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା। ଜଳେଶ୍ୱର ଥାନା ଅଞ୍ଚଳରୁ ୨ଜଣ ଓ ବୈଶିଙ୍ଗା ଥାନା ଅଞ୍ଚଳରୁ ଜଣଙ୍କୁ ପୋଲିସ ଗିରଫ କରିଥିଲା।

## ସଂଗ୍ରାମୀଙ୍କ ସ୍ମୃତିଚାରଣ




ସ୍ମୃତିସଭାରେ ଉପସ୍ଥିତ ଅତିଥି।

**ଭଣ୍ଡାରିପୋଖରୀ, ୩୧।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଶଶିଭୂଷଣ ଦାସଙ୍କ ଏକାଦଶାହ ଅବସରରେ ରବିବାର ପିରିପୁର ଗ୍ରାମରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳଙ୍କ ସଞ୍ଚାଳନାରେ କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ ଏହି ସଭାରେ ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା, ଶିକ୍ଷାବିତ୍ ଗୟାଧର ସାମଲ, କାଶୀନାଥ ପତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପୀତାମ୍ବର ମହାପାତ୍ର, ନରନାରାୟଣ ଜେନା, ରବୀନ୍ଦ୍ର କୁମାର ନନ୍ଦ, ଡମ୍ବରୁଧର ବେହେରା, ପୀତାମ୍ବର ନାୟକ, ଲକ୍ଷ୍ମୀଧର ନାୟକ, ନିର୍ମଳ କର, ଡ. ନିରଞ୍ଜନ ଓଝା, ହରିହର ସାହୁ, ସୁକାନ୍ତି ମହାନ୍ତି, ଅଭିମନ୍ୟୁ ଖଟୁଆ, ମାୟାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ସ୍ୱର୍ଗତ ସଂଗ୍ରାମୀଙ୍କ ଅବଦାନ ଓ ସରଳ ଜୀବନ ଜିଜ୍ଞାସା ଉପରେ ସେମାନେ ଆଲୋକପାତ କରିଥିଲେ। ସ୍ୱର୍ଗତ ଦାସଙ୍କ ବଡ଼ପୁଅ ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ଦାସ, ମାନସ ପାତ୍ର, ନରେନ୍ଦ୍ର ସାହୁ, ଘନଶ୍ୟାମ ସ୍ୱାଇଁ, ମାର୍କଣ୍ଡ ସାହୁ, ହାଡ଼ିବନ୍ଧୁ ବେହେରା, ଶ୍ରୀଧର ଦାଶ, କରୁଣାକର ବାରିକ, ସନ୍ତୋଷ ପଣ୍ଡା, ସୁମତି ଜେନା ଓ ଗୀତାରଣୀ ଶଙ୍ଖୁଆ ସ୍ମୃତିଚାରଣ କରିଥିଲେ। ସତ୍ୟବ୍ରତ ଦାସ କୃତଜ୍ଞତା ଜଣାଇଥିଲେ।

## ଗଣେଶ ଇଲେଭେନ, ନଦିମ ରୟାଲ ବିଜୟୀ

### ପଞ୍ଚାୟତ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

**ରୂପସା, ୩୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଦରଖୁଲି ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ଟି-ଟେନ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ ଓ ସମ୍ମାନିତ ଅତିଥି ଶିକ୍ଷକ ବିଜୟ କୁମାର ମହାନ୍ତ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ାବିତ୍ ରବିରାମ ସିଂ ଏଥିରେ ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ବିନୋରି ଇଲେଭେନକୁ ୭ ଉଇକେଟରେ ପରାଜିତ କରି ଗଣେଶ ଇଲେଭେନ ବିଜୟୀ ହୋଇଥିଲା। ପ୍ରଥମେ ବିନୋରି ଇଲେଭେନ ବ୍ୟାଟିଂ କରି ୮୪ ରନ ସଂଗ୍ରହ କରିଥିଲା। ଜବାବରେ ଗଣେଶ ଇଲେଭେନ ୩ ଉଇକେଟ ବିନିମୟରେ ୮୬ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ସ୍ୱରାଜ ଓଡ଼ିଶାକୁ ୭୯ ରନରେ ପରାସ୍ତ କରି ନଦିମ ରୟାଲ ବିଜୟୀ ହୋଇଥିଲା। ପ୍ରଥମେ ନଦିମ ରୟାଲ ୩ ଉଇକେଟ ବିନିମୟରେ ୧୭୧ ରନ କରିଥିଲା। ସ୍ୱରାଜ ଓଡ଼ିଶା ୯୨ ରନ କରି ପରାସ୍ତ ହୋଇଥିଲା। ଅମ୍ପାୟର ଭାଗିରଥି ଓ ତାରାକାନ୍ତ ମ୍ୟାଚ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗ ସାର୍ଟିଫିକେଟ ଯାଞ୍ଚ ଦାବି

**ଭଦ୍ରକ ଅଫିସ,୩୧।୧**




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିନ୍ନକ୍ଷମ ମଞ୍ଚର କର୍ମକର୍ତ୍ତା।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନକଲି ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ଛାତ୍ରୀଛାତ୍ର ଆଡ୍‌ମିଶନ କରିଥିବା ଜଣାପଡ଼ିବା ପରେ ଏନେଇ ପ୍ରକୃତ ଦିବ୍ୟାଙ୍ଗମାନେ ତୀବ୍ର ଅସନ୍ତୋଷ ଜାହିର କରିଛନ୍ତି। ଓଡ଼ିଶା ଭିନ୍ନକ୍ଷମ ମଞ୍ଚର ଭଦ୍ରକ ଶାଖାର ସଦସ୍ୟମାନେ ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କେବଳ ଶିକ୍ଷା ବିଭାଗ ନୁହେଁ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ବିଭିନ୍ନ ବିଭାଗରେ ଚାକିରି ପାଇଥିବା ବ୍ୟକ୍ତିଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଉ। ଯେବେଠାରୁ ୟୁଡିଆଇଡି ମାଧ୍ୟମରେ ସାର୍ଟିଫିକେଟ ପ୍ରଦାନ କରାଯାଇଛି ସେବେଠାରୁ ସମସ୍ତଙ୍କ କାର୍ଡ ଯାଞ୍ଚ, ମେଡିକାଲ ବୋର୍ଡକୁ ସୁଚାରୁରୂପେ ପାଳନ କରାଯିବା ସହ ଅନ୍‌ଲାଇନରେ ଯେଉଁମାନେ ପ୍ରମାଣପତ୍ର ପାଇଛନ୍ତି ତାହା ମଧ୍ୟ ଯାଞ୍ଚ ପାଇଁ ସେମାନେ ଦାବି କରିଛନ୍ତି। ଏହା ପୂର୍ବରୁ ମଞ୍ଚ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ବାରମ୍ବାର ଅନୁରୋଧ କରିଆସିଥିଲେ ମଧ୍ୟ କରାଯାଇ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛି। ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଚିନ୍ତାମଣି ରାଉତ, ସମ୍ପାଦକ ବେଣୁଧର ପଣ୍ଡା, ଝୁନୁଲତା ଦାସ, ସୁବାସ ଧଳ, ରଞ୍ଜନ ପାଢ଼ୀ, କମଳାକାନ୍ତ ଆଚାର୍ଯ୍ୟ, ଜିତେନ୍ଦ୍ର ଦାସ, ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଓଡ଼ିଶା ସରକାର

# ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ବିଜ୍ଞପ୍ତି ସଂଖ୍ୟା: 543/WE ତାରିଖ:30.09.21 ଜିଲ୍ଲା: ଦେବଗଡ଼

No. XXXII-04: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (ଆରଏଫସିଟିଏଲଏଆର୍&ଆର୍ Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଗୋଲାବନ୍ଧ, ଥାନା: ବାରକୋଟ, ଥାନା ନଂ. ୧୫୫, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ ନିମ୍ନ ସୂଚିତ – ''କ'' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେବଗଡ଼ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୁଳ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୫୬, ତା ୧୭।୦୩।୨୦୨୦ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଛି ଯେ ମୌଜା: ଗୋଲାବନ୍ଧ, ଥାନା: ବାରକୋଟ, ଥାନା ନଂ. ୧୫୫, ତହସିଲ: ବାରକୋଟ, ଜିଲ୍ଲା: ଦେବଗଡ଼ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.deogarh.nic.in**ରେ ଓ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ଭୂ-ଅର୍ଜନ ଜୋନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା: ଦେବଗଡ଼, ତହସିଲ: ବାରକୋଟ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋଲାବନ୍ଧ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ହୋଇଅଛି | | | | ୪.୨୮.୪୨୦ | ଏଥି ସହିତ ସଂଲଗ୍ନ ହୋଇଅଛି |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ............................

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ),
ଜିଲ୍ଲାପାଳ, ଦେବଗଡ଼

## ସମ୍ପୂର୍ଣ୍ଣ ଜମି ବିବରଣୀ

**ମୌଜା: ଗୋଲାବନ୍ଧ, ଥାନା: ବାରକୋଟ, ତହସିଲ: ବାରକୋଟ, ଥାନା ନଂ. ୧୫୫, ଜିଲ୍ଲା: ଦେବଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୦୩ | ୧୦୧୩ (ସ୍ଥ) | ମାଳ ସାଧାରଣ | ୦.୦୬୦ | ୦.୦୧୦ | ଅର୍ଜୁନ ପଧାନ, ପି.- ନଟବର ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୩୧୯ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୩୨୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୩୦ | ମାଳ ସାଧାରଣ/୩ | ୦.୦୩୦ | ୦.୦୩୦ | |
| | | ୧୩୩୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୩୬ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୩୩୭ | ମାଳ ସାଧାରଣ/୨ | ୦.୦୪୦ | ୦.୦୪୦ | |
| | | ୧୩୪୦/ ୨୦୪୩ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୦୮/ ୨୦୪୪ (ସ୍ଥ) | ବେର୍ଣ୍ଣା ପାଣି ଦୁଇ | ୦.୦୨୦ | ୦.୦୨୦ | |
| | | ୧୪୧୬ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୪୪୦ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୪୪ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୪୪୬ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୪୭ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୬୨ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୬୩ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୮୧ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୭୫୬/ ୨୧୩୪ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୧୭୫୭ | ମାଳ ସାଧାରଣ | ୦.୧୦୦ | ୦.୧୦୦ | |
| ୨ | ୪ | ୧୭୫୪/ ୨୭୬୦ | ମାଳ ସାଧାରଣ | ୦.୧୭୦ | ୦.୧୭୦ | ଅର୍ଜୁନ ପଧାନ, ଗୋବର୍ଦ୍ଧନ ପଧାନ, ଚେରୁ ପଧାନ, ପି.- ନଟବର ପଧାନ, ଜା: ଚଷା, ବା: ନିଜଗାଁ |
| ୩ | ୫ | ୬୪୧ | ମାଳ ସାଧାରଣ | ୦.୦୨୦ | ୦.୦୨୦ | ଅର୍ଜୁନ ମୋହନ ବିଶ୍ୱାଳ, ପି.- ଗୋବିନ୍ଦ ବିଶ୍ୱାଳ, ଜା: ଚଷା, ବା: ବଂପରଡ଼ା |
| ୪ | ୬ | ୪୩୯/ ୨୪୫୦ | ଗୋଡ଼ାଦୁଇ | ୧.୫୦୦ | ୦.୪୫୦ | ଅର୍ଜୁନ ମୋହନ ବିଶ୍ୱାଳ, ପି.- ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଜା: ଚଷା, ବା: ଗୁରୁ ସୁଲେଇ, ଥାନା: ପାଲଲହଡ଼ା, ଜିଲ୍ଲା: ଢେଙ୍କାନାଳ |
| ୫ | ୮ | ୯୬୮ | ବାହାଲ ପାଣି ଦୁଇ | ୦.୩୪୦ | ୦.୩୪୦ | ଅଭି ବେହେରା, ପି.- ବନ୍ଧୁ ବେହେରା, ଜା: ଚଷା, ବା: ନିଜଗାଁ |
| | | ୧୨୩୩ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୨୪୦ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୨୪୩ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| ୬ | ୯ | ୧୭୯୧ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୭୦୦ | ୦.୪୭୦ | ଅଲ ପଧାନ, ପି.- ତିଳ ପଧାନ, ବା: ଚଷା, ବା: ନିଜଗାଁ |
| ୭ | ୧୦ | ୧୩୧୦/ ୨୦୩୦ | ମାଳ ସାଧାରଣ | ୦.୦୨୦ | ୦.୦୨୦ | ଅଲି ନାଏକ, ପି.- ନହଁଆ ପଧାନ, ଜା: ଚଷା, ବା: ବୁଢ଼ା ଖମଣ |
| | | ୧୩୧୨ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୧୯ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୪୩ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୫୩ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୬୧ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୪୬୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୮୦ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୭୭୫ | ବାହାଲ ପାଣି ଦୁଇ/୫ | ୦.୨୨୦ | ୦.୨୨୦ | |
| | | ୧୭୭୫/ ୨୭୬୪ | ବାହାଲ ପାଣି ଦୁଇ/୨ | ୦.୦୮୦ | ୦.୦୮୦ | |
| ୮ | ୧୨ | ୪୬୬ (ସ୍ଥ) | ମାଳ ସାଧାରଣ/୪ | ୦.୦୮୦ | ୦.୦୧୦ | ଇନ୍ଦ୍ର ନାଏକ, ପି.- ଶୁକଦେବ ନାଏକ, ଜା: ଭୂୟାଁ, ବା: ନିଜଗାଁ |
| | | ୧୪୦୬ | ମାଳ ସାଧାରଣ/୧୬ | ୦.୨୫୦ | ୦.୨୫୦ | |
| | | ୧୪୮୫ (ସ୍ଥ) | ଗୋଡ଼ାଦୁଇ | ୦.୫୫୦ | ୦.୦୭୦ | |
| | | ୧୭୬୧ | ମାଳ ସାଧାରଣ | ୦.୧୧୦ | ୦.୧୧୦ | |
| ୯ | ୧୫ | ୪୨୮/ ୨୪୪୭ | ବାହାଲ ସାଧାରଣ | ୦.୨୭୦ | ୦.୨୭୦ | ଈଶ୍ୱର ଚନ୍ଦ୍ର ବେହେରା, ପି.- ହରିହର ବେହେରା, ଜା: ଚଷା, ବା: ନିଜଗାଁ |
| | | ୧୧୮୭ (ସ୍ଥ) | ମାଳ ସାଧାରଣ | ୦.୦୬୦ | ୦.୦୧୦ | |
| | | ୧୧୮୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୧୯୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୨୧ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୩୨୪/ ୨୬୪୯ | ମାଳ ସାଧାରଣ | ୦.୦୯୦ | ୦.୦୯୦ | |
| | | ୧୪୧୨/ ୨୬୫୮ | ବେର୍ଣ୍ଣା ପାଣି ଦୁଇ | ୦.୧୮୦ | ୦.୧୮୦ | |
| | | ୧୭୬୦/ ୨୭୬୧ | ଗୋଡ଼ାଦୁଇ | ୦.୧୪୦ | ୦.୧୪୦ | |
| | | ୧୭୬୨ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| ୧୦ | ୧୮ | ୧୬୫୨/ ୨୨୦୮ (ସ୍ଥ) | ଗୋଡ଼ାଦୁଇ | ୦.୭୮୦ | ୦.୫୦୦ | କରୁଣା କର ସାହୁ, ପି.- ଚୈତନ୍ୟ ସାହୁ, ଜା: ଚଷା, ବା: ନିଜଗାଁ |
| ୧୧ | ୨୦ | ୧୩୧୦ | ମାଳ ସାଧାରଣ | ୦.୦୨୦ | ୦.୦୨୦ | କୁଇଲ ଓରାମ, ପି.- ବାଉଲ ଓରାମ, ଜା: ଓରାମ, ବା: ନେତ୍ରା ବାହାଲ |
| | | ୧୪୨୩ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୪୧ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୪୮ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୪୫୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୧୨ | ୨୧ | ୯୬୧ | ବାହାଲ ପାଣି ଦୁଇ | ୦.୩୧୦ | ୦.୩୧୦ | କୁତାର୍ଥ ପାଣ, ପି.- ନାଲୁ ପାଣ, ଜା: ପାଣ, ବା: ନିଜଗାଁ |
| | | ୯୬୪ (ସ୍ଥ) | ବାହାଲ ପାଣି ୨/୨ | ୦.୩୪୦ | ୦.୨୪୦ | |
| | | ୧୪୫୧ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୬୦ | ମାଳ ସାଧାରଣ/୮ | ୦.୨୯୦ | ୦.୨୯୦ | |
| | | ୧୪୭୪ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୧୩ | ୨୬ | ୬୪୯/ ୧୯୬୯ | ବେର୍ଣ୍ଣା ସାଧାରଣ | ୦.୦୮୦ | ୦.୦୮୦ | କେଶବ ଚନ୍ଦ୍ର ସାହୁ, ପି.- ବନ୍ଦିଆ ସାହୁ, ଜା: ଚଷା, ବା: ନିଜଗାଁ |
| | | ୧୭୪୧/ ୨୭୫୮ | ଗୋଡ଼ାଦୁଇ | ୦.୦୪୦ | ୦.୦୪୦ | |
| ୧୪ | ୪୨ | ୧୪୮୪ | ଗୋଡ଼ାଦୁଇ | ୦.୦୩୦ | ୦.୦୩୦ | ଗୋପାଳ ପଧାନ, ବିପିନ ପଧାନ, ପି.- ଧୁଳିଆ ପଧାନ, ଜା: ଚଷା, ବା: ନିଜଗାଁ |
| ୧୫ | ୪୩ | ୯୬୬ (ସ୍ଥ) | ବାହାଲ ପାଣି ଦୁଇ | ୦.୨୮୦ | ୦.୧୦୦ | ଗୋପାଳ ପଧାନ, ବିପିନ ପଧାନ, ପି.- ଧୁଳିଆ ପଧାନ, ନାରଣ ପଧାନ, ଟଙ୍କଧର ପଧାନ, ପି.- ଅଭି ପଧାନ, ହର ପଧାନ, ପି.- ଦୟା ପଧାନ, ବିନୁ ପଧାନ, କୁନୁ ପଧାନ, ଭାରତୀ ପଧାନ, ପି.- ନସ ପଧାନ, ଅମୃତୀ ପଧାନ, ସ୍ୱା.- ନସ ପଧାନ, ଜା: ଚଷା, ବା: ନିଜଗାଁ |
| | | ୯୬୭ | ବାହାଲ ପାଣି ଦୁଇ | ୦.୧୮୦ | ୦.୧୮୦ | |
| | | ୧୦୧୨ | ମାଳ ସାଧାରଣ/୨ | ୦.୦୩୦ | ୦.୦୩୦ | |
| | | ୧୦୧୭ (ସ୍ଥ) | ମାଳ ସାଧାରଣ/୪ | ୦.୧୧୦ | ୦.୦୧୦ | |
| | | ୧୦୪୦ (ସ୍ଥ) | ବେର୍ଣ୍ଣା ସାଧାରଣ/୨ | ୦.୨୫୦ | ୦.୧୭୦ | |
| | | ୧୦୪୧ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୨୮୦ | ୦.୧୯୦ | |
| | | ୧୦୪୪ | ବେର୍ଣ୍ଣା ସାଧାରଣ/୨ | ୦.୦୮୦ | ୦.୦୮୦ | |
| | | ୧୧୮୧ (ସ୍ଥ) | ମାଳ ସାଧାରଣ | ୦.୦୫୦ | ୦.୦୧୦ | |
| | | ୧୧୮୨ (ସ୍ଥ) | ମାଳ ସାଧାରଣ/୩ | ୦.୦୮୦ | ୦.୦୧୦ | |
| | | ୧୧୮୬ | ମାଳ ସାଧାରଣ/୨ | ୦.୦୩୦ | ୦.୦୩୦ | |
| | | ୧୧୮୮/ ୨୬୪୩ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୧୯୧ | ମାଳ ସାଧାରଣ/୩ | ୦.୦୫୦ | ୦.୦୫୦ | |
| | | ୧୧୯୩ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୧୯୭ | ମାଳ ସାଧାରଣ/୨ | ୦.୦୨୦ | ୦.୦୨୦ | |
| | | ୧୨୦୧ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୩୨ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୪୧ (ସ୍ଥ) | ମାଳ ସାଧାରଣ | ୦.୦୮୦ | ୦.୦୩୦ | |
| | | ୧୨୪୬ (ସ୍ଥ) | ମାଳ ସାଧାରଣ | ୦.୦୫୦ | ୦.୦୨୦ | |
| | | ୧୨୮୫ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୮୬ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୮୮ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୨୮୯ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୯୦ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୨୯୨ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୯୩ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୯୪ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୨୯୫ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୨୯୬ | ମାଳ ସାଧାରଣ/୨ | ୦.୦୯୦ | ୦.୦୯୦ | |
| | | ୧୨୯୭ (ସ୍ଥ) | ମାଳ ସାଧାରଣ | ୦.୦୪୦ | ୦.୦୧୦ | |
| | | ୧୩୦୬ | ମାଳ ସାଧାରଣ/୨ | ୦.୦୬୦ | ୦.୦୬୦ | |
| | | ୧୩୩୯ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୩୪୧ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୧୩୪୩ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୩୪୪ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୧୦ | ମାଳ ସାଧାରଣ | ୦.୦୯୦ | ୦.୦୯୦ | |
| | | ୧୪୧୩ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୧୪୧୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୨୪ | ମାଳ ସାଧାରଣ | ୦.୦୭୦ | ୦.୦୭୦ | |
| | | ୧୪୨୫ | ମାଳ ସାଧାରଣ/୨ | ୦.୦୫୦ | ୦.୦୫୦ | |
| | | ୧୪୨୬ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୬୬ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୭୬ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୮୩ | ମାଳ ସାଧାରଣ/୪ | ୦.୧୦୦ | ୦.୧୦୦ | |
| | | ୧୭୬୯ | ଗୋଡ଼ା ଦୁଇ | ୦.୦୫୦ | ୦.୦୫୦ | |
| | | ୧୭୭୦ | ଗୋଡ଼ା ଦୁଇ | ୦.୦୪୦ | ୦.୦୪୦ | |
| | | ୧୭୭୧ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୧୭୭୨ | ମାଳ ସାଧାରଣ | ୦.୦୭୦ | ୦.୦୭୦ | |
| | | ୧୭୭୩ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୧୭୯୩ | ବେର୍ଣ୍ଣା ସାଧାରଣ/୫ | ୦.୪୩୦ | ୦.୪୩୦ | |
| ୧୬ | ୪୪ | ୧୨୯୮ | ମାଳ ସାଧାରଣ | ୦.୦୩୦ | ୦.୦୩୦ | ଗୋବର୍ଦ୍ଧନ ପଧାନ, ପି.- ନଟବର ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୩୧୧ | ମାଳ ସାଧାରଣ/୨ | ୦.୦୨୦ | ୦.୦୨୦ | |
| | | ୧୩୩୦/ ୨୦୪୧ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୩୩୨/ ୨୬୫୦ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୩୩୫ | ମାଳ ସାଧାରଣ/୩ | ୦.୦୨୦ | ୦.୦୨୦ | |
| | | ୧୪୦୮/ ୨୦୪୫ | ବେର୍ଣ୍ଣା ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୨୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୭୭୯ (ସ୍ଥ) | ବାହାଲ ପାଣି ଦୁଇ | ୦.୧୯୦ | ୦.୦୫୦ | |
| ୧୭ | ୪୫ | ୪୨୨/ ୨୪୪୬ (ସ୍ଥ) | ବାହାଲ ସାଧାରଣ | ୦.୧୩୦ | ୦.୦୧୦ | ଗୋବର୍ଦ୍ଧନ ବେହେରା, ପି.- ହରିହର ବେହେରା, ଜା: ଚଷା, ବା: ନିଜଗାଁ |
| | | ୪୨୮ (ସ୍ଥ) | ବାହାଲ ସାଧାରଣ | ୦.୧୫୦ | ୦.୦୯୦ | |
| | | ୧୧୮୭/ ୨୬୪୨ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୩୫ (ସ୍ଥ) | ମାଳ ସାଧାରଣ | ୦.୦୬୦ | ୦.୦୨୦ | |
| | | ୧୩୨୪ | ମାଳ ସାଧାରଣ/୬ | ୦.୦୮୦ | ୦.୦୮୦ | |
| | | ୧୪୧୧ | ବେର୍ଣ୍ଣା ପାଣି ଦୁଇ | ୦.୦୧୦ | ୦.୦୧୦ | |
| | | ୧୪୧୨ | ବେର୍ଣ୍ଣା ପାଣି ଦୁଇ | ୦.୧୬୦ | ୦.୧୬୦ | |
| | | ୧୭୭୦ | ଗୋଡ଼ା ଦୁଇ | ୦.୧୩୦ | ୦.୧୩୦ | |
| | | ୧୭୬୨/ ୨୭୬୨ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| ୧୮ | ୫୨ | ୬୪୮/ ୧୯୬୮ | ବେର୍ଣ୍ଣା ସାଧାରଣ | ୦.୨୧୦ | ୦.୨୧୦ | ଚାଖିରି ପଧାନ, ପି.- ହରି ସାହୁ, ବାରୀ ସାହୁ, ସ୍ୱା.- ହରି ସାହୁ, ଜା: ଚଷା, ବା: ନିଜଗାଁ |
| | | ୬୬୬ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୧୩୦ | ୦.୦୭୦ | |
| ୧୯ | ୫୬ | ୧୦୧୪ (ସ୍ଥ) | ମାଳ ସାଧାରଣ | ୦.୦୩୦ | ୦.୦୩୦ | ଚେରୁ ପଧାନ, ପି.- ନଟବର ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୦୧୩/ ୨୦୨୯ (ସ୍ଥ) | ମାଳ ସାଧାରଣ | ୦.୦୫୦ | ୦.୦୧୦ | |
| | | ୧୩୧୧/ ୨୦୩୧ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୧୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୩୫/ ୨୦୪୨ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୩୩୮ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୦୮ | ବେର୍ଣ୍ଣା ପାଣି ଦୁଇ | ୦.୦୨୦ | ୦.୦୨୦ | |
| | | ୧୪୨୧ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୫୫ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୭୫ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୭୫୨ | ମାଳ ସାଧାରଣ | ୦.୦୯୦ | ୦.୦୯୦ | |
| | | ୧୭୫୫ | ମାଳ ସାଧାରଣ | ୦.୧୦୦ | ୦.୧୦୦ | |
| | | ୧୭୭୯/ ୨୭୬୫ | ବାହାଲ ପାଣି ଦୁଇ | ୦.୨୧୦ | ୦.୨୧୦ | |
| ୨୦ | ୫୯ | ୬୭୧ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୦୫୦ | ୦.୦୨୦ | ଛାଇ ବେହେରା, ପି.- ବନ୍ଧୁ ବେହେରା, ଜା: ଚଷା, ବା: ନିଜଗାଁ |
| | | ୧୨୩୧ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୨୩୪ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୨୩୯ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୪୨ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୧୨୮୭ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| ୨୧ | ୭୦ | ୧୨୪୯ | ମାଳ ସାଧାରଣ | ୦.୦୧୦ | ୦.୦୧୦ | ବଂଶୀଧର ବେହେରା, ଲୋଚନ ବେହେରା, ଗୋପାଳ ବେହେରା, ଦନାର ବେହେରା, କୁଶ ବେହେରା, ପଲେଇ ବେହେରା, କେର ବେହେରା, ପି.- ଟିହିଲୁ ବେହେରା, ଜା: ଚଷା, ବା: ନିଜଗାଁ |
| ୨୨ | ୭୩ | ୪୬୩ (ସ୍ଥ) | ମାଳ ସାଧାରଣ | ୦.୫୦୦ | ୦.୦୧୦ | ଡରିଆ ଖଣ୍ଡାୟତ, ପି.- କୁସୁନୁ ଖଣ୍ଡାୟତ, ଜା: ଗୌଡ଼, ବା: ନିଜଗାଁ |
| | | ୪୬୫ (ସ୍ଥ) | ମାଳ ସାଧାରଣ | ୦.୧୫୦ | ୦.୧୨୦ | |
| ୨୩ | ୭୫ | ୧୪୦୫ | ମାଳ ସାଧାରଣ | ୦.୦୩୦ | ୦.୦୩୦ | ତୀର୍ଥ ବେହେରା, ଧନୁ ବେହେରା, ଗଦା ବେହେରା, ବିଷ୍ଣୁଣ ବେହେରା, ଅବଳା ବେହେରା, ପି.- ହାଡୁ ବେହେରା, ଖେରେଡି ବେହେରା, ସ୍ୱା.- ହାଡୁ ବେହେରା, ଜା: ଚଷା, ବା: ନିଜଗାଁ |
| ୨୪ | ୭୮ | ୧୬୫୨/ ୨୨୦୯ (ସ୍ଥ) | ଗୋଡ଼ା ଦୁଇ | ୧.୦୬୦ | ୧.୦୦୦ | ଜନାର୍ଦ୍ଦନ ସାହୁ, ପି.- ମହରଗା ସାହୁ, ଜା: ଚଷା, ବା: ବାହାଡ଼ା ପସି |
| | | ୧୮୧୪/ ୨୨୦୦ (ସ୍ଥ) | ଗୋଡ଼ା ଦୁଇ | ୨.୭୦୦ | ୦.୦୧୦ | |
| ୨୫ | ୯୩ | ୬୩୯ | ମାଳ ସାଧାରଣ | ୦.୦୪୦ | ୦.୦୪୦ | ଧରଣୀ ଧୋବା, ପି.- ଠେଙ୍ଗୁ ଧୋବା, ଜା: ଧୋବା, ବା: ନିଜଗାଁ |
| ୨୬ | ୯୪ | ୬୪୮ | ବେର୍ଣ୍ଣା ସାଧାରଣ | ୦.୧୩୦ | ୦.୧୩୦ | ଧ୍ରୁବା ସାହୁ, ପି.- ଧରଣୀ ସାହୁ, ଜା: ଚଷା, ବା: ନିଜଗାଁ |
| ୨୭ | ୯୫ | ୧୦୧୫ | ମାଳ ସାଧାରଣ | ୦.୦୧୦ | ୦.୦୧୦ | ନବାତି ପଧାନ, ପି.- ନହଁଆ ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୪୪୫ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୫୯ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୭୭୪ | ବେର୍ଣ୍ଣା ପାଣି ଦୁଇ | ୦.୦୬୦ | ୦.୦୬୦ | |
| | | ୧୭୭୫/ ୨୭୬୩ | ବାହାଲ ପାଣି ଦୁଇ | ୦.୦୬୦ | ୦.୦୬୦ | |
| | | ୧୭୭୬ | ବାହାଲ ପାଣି ଦୁଇ | ୦.୦୨୦ | ୦.୦୨୦ | |
| ୨୮ | ୯୮ | ୧୦୩୭ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୬୫୦ | ୦.୦୨୦ | ନିର୍ମଳ ବେହେରା, ପି.- ଦୁଶିଆ ବେହେରା, ଜା: ଚଷା, ବା: ନିଜଗାଁ |
| | | ୧୨୩୮ (ସ୍ଥ) | ମାଳ ସାଧାରଣ | ୦.୦୮୦ | ୦.୦୨୦ | |
| | | ୧୨୫୪ | ମାଳ ସାଧାରଣ | ୦.୧୧୦ | ୦.୧୧୦ | |
| | | ୧୪୦୭ (ସ୍ଥ) | ମାଳ ସାଧାରଣ/୩ | ୦.୧୪୦ | ୦.୧୦୦ | |
| ୨୯ | ୧୦୦ | ୪୬୪ (ସ୍ଥ) | ମାଳ ସାଧାରଣ/୩ | ୦.୪୧୦ | ୦.୩୪୦ | ନିରାଶ ପଧାନ, ପି.- ଏକାଦୁଶିଆ ପଧାନ, ଜା: ଚଷା, ବା: ନିଜଗାଁ |
| | | ୬୫୦ | ବେର୍ଣ୍ଣା ସାଧାରଣ | ୦.୦୭୦ | ୦.୦୭୦ | |
| | | ୬୬୫ (ସ୍ଥ) | ବେର୍ଣ୍ଣା ସାଧାରଣ/୨ | ୦.୧୯୦ | ୦.୧୦୦ | |
| | | ୧୨୯୧ | ମାଳ ସାଧାରଣ/୪ | ୦.୦୬୦ | ୦.୦୬୦ | |
| | | ୧୩୦୯ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୩୧୭ | ମାଳ ସାଧାରଣ/୩ | ୦.୦୨୦ | ୦.୦୨୦ | |
| | | ୧୩୨୯ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୩୩୧ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୩୪ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୧୩୪୦ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୧୫ | ମାଳ ସାଧାରଣ/୬ | ୦.୦୬୦ | ୦.୦୬୦ | |
| | | ୧୪୧୭ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୨୦ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୩୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୩୬ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୪୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୪୯ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୫୪ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୫୬ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୫୭ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୬୭ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୬୯ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୭୯ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୮୨ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୭୫୪ | ମାଳ ସାଧାରଣ/୨ | ୦.୨୦୦ | ୦.୨୦୦ | |
| | | ୧୭୫୬ | ମାଳ ସାଧାରଣ | ୦.୧୦୦ | ୦.୧୦୦ | |
| | | ୧୭୫୯ | ମାଳ ସାଧାରଣ | ୦.୧୩୦ | ୦.୧୩୦ | |
| ୩୦ | ୧୦୪ | ୪୨୬ | ବାହାଲ ସାଧାରଣ | ୦.୨୬୦ | ୦.୨୬୦ | ନିଶା ବେହେରା, ପି.- କନ୍ଦର୍ପ ବେହେରା, ଜା: ଚଷା, ବା: ନିଜଗାଁ |
| | | ୯୭୧ (ସ୍ଥ) | ବାହାଲ ପାଣି ୨/୨ | ୦.୩୫୦ | ୦.୧୭୦ | |
| | | ୧୩୧୫ | ବେର୍ଣ୍ଣା ପାଣି ଦୁଇ | ୦.୧୬୦ | ୦.୧୬୦ | |
| | | ୧୩୨୩ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୧୩୨୭ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୭୭ | ମାଳ ସାଧାରଣ | ୦.୧୩୦ | ୦.୧୩୦ | |
| | | ୧୭୬୪ | ଗୋଡ଼ା ଦୁଇ | ୦.୧୦୦ | ୦.୧୦୦ | |
| | | ୧୭୬୬ | ଗୋଡ଼ା ଦୁଇ | ୦.୦୭୦ | ୦.୦୭୦ | |
| ୩୧ | ୧୦୫ | ୬୭୬ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୩୫୦ | ୦.୨୮୦ | ନୃପ ପାଣ, ପି..- ଲାଲୁ ପାଣ, ଜା: ପାଣ, ବା: ନିଜଗାଁ |
| ୩୨ | ୧୧୦ | ୬୪୩ | ମାଳ ସାଧାରଣ | ୦.୦୪୦ | ୦.୦୪୦ | ପଲ୍ଲଭ ସାହୁ, ପି.- ହାଡୁ ସାହୁ, ଜା: ଚଷା, ବା: ନିଜଗାଁ |
| | | ୬୪୬ (ସ୍ଥ) | ମାଳ ସାଧାରଣ | ୦.୦୬୦ | ୦.୦୩୦ | |
| | | ୬୬୧ (ସ୍ଥ) | ବେର୍ଣ୍ଣା ସାଧାରଣ/୨ | ୦.୨୫୦ | ୦.୧୨୦ | |
| | | ୬୬୨ | ବେର୍ଣ୍ଣା ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୭୪୨ (ସ୍ଥ) | ଗୋଡ଼ା ଦୁଇ | ୦.୧୦୦ | ୦.୦୬୦ | |
| ୩୩ | ୧୧୪ | ୧୧୯୫ (ସ୍ଥ) | ମାଳ ସାଧାରଣ/୨ | ୦.୦୫୦ | ୦.୦୧୦ | ପାର ବେହେରା, ପି.- ସୁନା ବେହେରା, ଜା: ଚଷା, ବା: ନିଜଗାଁ |
| | | ୧୨୫୦ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୦୯ | ବେର୍ଣ୍ଣା ପାଣି ଦୁଇ | ୦.୨୦୦ | ୦.୨୦୦ | |
| | | ୧୭୯୪ | ମାଳ ସାଧାରଣ/୨୦ | ୦.୬୨୦ | ୦.୬୨୦ | |
| | | ୧୭୯୫ | ବେର୍ଣ୍ଣା ସାଧାରଣ | ୦.୨୪୦ | ୦.୨୪୦ | |
| | | ୧୭୯୭ | ମାଳ ସାଧାରଣ/୨ | ୦.୧୧୦ | ୦.୧୧୦ | |
| | | ୧୭୯୮ | ମାଳ ସାଧାରଣ | ୦.୦୮୦ | ୦.୦୮୦ | |
| ୩୪ | ୧୧୫ | ୧୨୫୯ | ମାଳ ସାଧାରଣ | ୦.୦୩୦ | ୦.୦୩୦ | ପ୍ରାଣ ବନ୍ଧୁ ସାହୁ, ପି.- ବୁଧିଆ ସାହୁ, ଜା: ଚଷା, ବା: ନିଜଗାଁ |
| | | ୧୮୦୮ (ସ୍ଥ) | ବେର୍ଣ୍ଣା ସାଧାରଣ/୭ | ୧.୩୫୦ | ୦.୫୮୦ | |
| ୩୫ | ୧୨୭ | ୧୦୩୮ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୧୧୦ | ୦.୦୮୦ | ବଳଭଦ୍ର ପଧାନ, ପି.- ଦିବାକର ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୦୪୫/ ୨୬୧୫ | ବେର୍ଣ୍ଣା ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୧୮୦/ ୨୬୪୦ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୧୯୯ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| ୩୬ | ୧୨୯ | ୧୦୩୮/ ୨୬୧୪ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୩୭୦ | ୦.୧୩୦ | ବ୍ରଜବନ୍ଧୁ ପଧାନ, ପି.- ଦିବାକର ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୧୮୦/ ୨୬୩୯ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୨୫୬ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୫୭ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୦୩ (ସ୍ଥ) | ବାହାଲ ପାଣି ଦୁଇ | ୦.୩୦୦ | ୦.୧୫୦ | |
| ୩୭ | ୧୩୦ | ୧୨୪୪ | ମାଳ ସାଧାରଣ | ୦.୦୬୦ | ୦.୦୬୦ | ବିଲେଇ ପଧାନ, ସ୍ୱା.- ପାଣ୍ଡୁ ପଧାନ, ଜା: ଚଷା, ବା: ନିଜଗାଁ |
| ୩୮ | ୧୩୬ | ୧୪୩୪ | ମାଳ ସାଧାରଣ | ୦.୦୩୦ | ୦.୦୩୦ | ବୈକୁଣ୍ଠ ପଧାନ, ମଣି ପଧାନ, ପି.- ବେଣୁ ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୪୩୫ (ସ୍ଥ) | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୧୪୫୦ | ମାଳ ସାଧାରଣ/୨ | ୦.୦୭୦ | ୦.୦୭୦ | |
| | | ୧୪୫୮ | ମାଳ ସାଧାରଣ/୩ | ୦.୦୪୦ | ୦.୦୪୦ | |
| ୩୯ | ୧୪୦ | ୬୩୯/ ୨୫୧୧ | ମାଳ ସାଧାରଣ | ୦.୦୩୦ | ୦.୦୩୦ | ଭକ୍ତ ଧୋବା, ପି.- ଠେଙ୍ଗୁ ଧୋବା, ଜା: ଧୋବା, ବା: ନିଜଗାଁ |
| | | ୬୩୯/ ୨୫୧୨ (ସ୍ଥ) | ମାଳ ସାଧାରଣ | ୦.୦୩୦ | ୦.୦୧୦ | |
| ୪୦ | ୧୪୪ | ୯୬୦ | ବେର୍ଣ୍ଣା ପାଣି ଦୁଇ | ୦.୦୧୦ | ୦.୦୧୦ | ଭଗବାନ ପଧାନ, ପି.- ଜଗନ୍ନାଥ ପଧାନ, ଦୋଳ ପଧାନ, ପି.- ଚନ୍ଦ୍ର ପଧାନ, ଗୁରୁବାରି ପଧାନ, ସ୍ୱା.- ଚନ୍ଦ୍ର ପଧାନ, ଜା: ଚଷା, ବା: ନିଜଗାଁ |
| | | ୯୬୨ | ବାହାଲ ପାଣି ଦୁଇ | ୦.୨୨୦ | ୦.୨୨୦ | |
| | | ୯୬୩ (ସ୍ଥ) | ବାହାଲ ପାଣି ଦୁଇ | ୦.୨୧୦ | ୦.୧୦୦ | |
| | | ୧୧୮୯ | ମାଳ ସାଧାରଣ/୨ | ୦.୦୪୦ | ୦.୦୪୦ | |
| | | ୧୧୯୦ | ମାଳ ସାଧାରଣ/୩ | ୦.୦୩୦ | ୦.୦୩୦ | |
| | | ୧୧୯୪ | ମାଳ ସାଧାରଣ/୨ | ୦.୦୨୦ | ୦.୦୨୦ | |
| | | ୧୧୯୬ | ମାଳ ସାଧାରଣ/୩ | ୦.୦୮୦ | ୦.୦୮୦ | |
| | | ୧୧୯୮ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୧୨୦୦ | ମାଳ ସାଧାରଣ/୨ | ୦.୦୭୦ | ୦.୦୭୦ | |
| | | ୧୨୬୦ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୬୨ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୭୬ | ମାଳ ସାଧାରଣ/୨ | ୦.୦୨୦ | ୦.୦୨୦ | |
| | | ୧୨୭୭ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୧୨୭୮ | ମାଳ ସାଧାରଣ | ୦.୧୧୦ | ୦.୧୧୦ | |
| | | ୧୨୭୯ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୨୮୦ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୨୮୨ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୨୮୪ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୧୩୦୮ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୩୧୩ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୨୮ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୩୦ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୩୧ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୩୭ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୩୮ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୪୬୫ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୭୦ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୭୧ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୪୭୨ | ମାଳ ସାଧାରଣ | ୦.୦୫୦ | ୦.୦୫୦ | |
| | | ୧୪୭୩ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| ୪୧ | ୧୫୦ | ୪୨୫ (ସ୍ଥ) | ବାହାଲ ସାଧାରଣ | ୦.୨୭୦ | ୦.୧୪୦ | ଭିକାରି ବେହେରା, ପି.- ହଟିଆ ବେହେରା, ଜା: ଚଷା, ବା: ନିଜଗାଁ |
| | | ୪୩୩ (ସ୍ଥ) | ବାହାଲ ସାଧାରଣ | ୦.୬୭୦ | ୦.୫୯୦ | |
| | | ୧୦୪୬ (ସ୍ଥ) | ବେର୍ଣ୍ଣା ସାଧାରଣ | ୦.୧୫୦ | ୦.୦୧୦ | |
| | | ୧୨୬୧ (ସ୍ଥ) | ମାଳ ସାଧାରଣ/୨ | ୦.୦୫୦ | ୦.୦୧୦ | |
| | | ୧୩୦୭ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୧୪ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୩୧୬ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୩୨୧/ ୨୬୪୮ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୩୨୨ | ମାଳ ସାଧାରଣ/୨ | ୦.୦୨୦ | ୦.୦୨୦ | |
| | | ୧୩୨୫ | ମାଳ ସାଧାରଣ/୬ | ୦.୧୩୦ | ୦.୧୩୦ | |
| | | ୧୪୧୪ | ବେର୍ଣ୍ଣା ପାଣି ଦୁଇ | ୦.୧୧୦ | ୦.୧୧୦ | |
| | | ୧୭୦୨ | ମାଳ ସାଧାରଣ | ୦.୦୩୦ | ୦.୦୧୦ | |
| ୪୨ | ୧୫୧ | ୬୪୪ | ମାଳ ସାଧାରଣ | ୦.୦୭୦ | ୦.୦୭୦ | ଭିକାରୀ ସାହୁ, ପି.- ବନ୍ଦିଆ ସାହୁ, ଜା: ଚଷା, ବା: ନିଜଗାଁ |
| | | ୬୪୫ (ସ୍ଥ) | ମାଳ ସାଧାରଣ | ୦.୧୭୦ | ୦.୧୦୦ | |
| | | ୧୭୪୧ (ସ୍ଥ) | ଗୋଡ଼ା ଦୁଇ | ୦.୦୪୦ | ୦.୦୧୦ | |
| ୪୩ | ୧୫୭ | ୧୭୯୨ | ବେର୍ଣ୍ଣା ସାଧାରଣ | ୦.୪୧୦ | ୦.୪୧୦ | ମଧୁ ପଧାନ, ପି.- ତିଳ ପଧାନ, ଜା: ଚଷା, ବା: ନିଜଗାଁ |
| ୪୪ | ୧୫୯ | ୧୦୩୮/ ୨୬୧୩ | ବେର୍ଣ୍ଣା ସାଧାରଣ | ୦.୧୮୦ | ୦.୧୮୦ | ମହର୍ଗୁ ପଧାନ, ପି.- ଦିବାକର ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୦୪୫ | ବେର୍ଣ୍ଣା ସାଧାରଣ/୨ | ୦.୦୩୦ | ୦.୦୩୦ | |
| | | ୧୧୮୦ | ମାଳ ସାଧାରଣ/୫ | ୦.୦୩୦ | ୦.୦୩୦ | |
| | | ୧୨୫୫ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୨୫୮ | ମାଳ ସାଧାରଣ | ୦.୦୧୦ | ୦.୦୧୦ | |
| | | ୧୩୦୩/ ୨୬୪୭ | ବାହାଲ ପାଣି ଦୁଇ | ୦.୦୬୦ | ୦.୦୬୦ | |
| ୪୫ | ୧୬୭ | ୧୮୧୪/ ୨୨୦୧ | ଗୋଡ଼ା ଦୁଇ | ୨.୬୬୦ | ୨.୬୬୦ | ରବିଚନ୍ଦ୍ର ସାହୁ, ପି.- ଜିଗୀନ୍ଦ୍ର ସାହୁ, ଜା: ତେଲି, ବା: ନିଜଗାଁ |
| ୪୬ | ୧୭୨ | ୧୨୫୩ | ମାଳ ସାଧାରଣ | ୦.୦୨୦ | ୦.୦୨୦ | ରାମ ବେହେରା, ପି.- ଅଇଠୁ ବେହେରା, ଜା: ଚଷା, ବା: ନିଜଗାଁ |
| | | ୧୭୯୬ | ବେର୍ଣ୍ଣା ସାଧାରଣ/୩ | ୦.୪୮୦ | ୦.୪୮୦ | |
| ୪୭ | ୧୭୫ | ୧୬୫୨/ ୨୨୧୦ (ସ୍ଥ) | ଗୋଡ଼ା ଦୁଇ | ୨.୩୫୦ | ୦.୭୩୦ | ଲମ୍ବୋଦର ପଧାନ, ପି.- ବ୍ରଜବନ୍ଧୁ ପଧାନ, ଜା: ଚଷା, ବା: ନିଜଗାଁ |
| ୪୮ | ୧୮୧ | ୬୪୦ (ସ୍ଥ) | ମାଳ ସାଧାରଣ | ୦.୨୧୦ | ୦.୧୭୦ | ସନାତନ ପଧାନ, ପି.- ପଦ୍ମଲାଭ ପଧାନ, ଜା: ଚଷା, ବା: ନିଜଗାଁ |
| | | ୬୪୨ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| ୪୯ | ୧୮୩ | ୪୨୪ (ସ୍ଥ) | ବାହାଲ ସାଧାରଣ | ୦.୧୬୦ | ୦.୦୭୦ | ସୂର୍ଯ୍ୟ ବେହେରା, ସ୍ୱା.- ସପ୍ନ ବେହେରା, ନବଘନ ବେହେରା, ପି.- ସପ୍ନ ବେହେରା, ଜା: ଚଷା, ବା: ନିଜଗାଁ |
| | | ୪୨୭ (ସ୍ଥ) | ବାହାଲ ସାଧାରଣ | ୦.୨୬୦ | ୦.୦୯୦ | |
| | | ୬୬୯ | ବେର୍ଣ୍ଣା ସାଧାରଣ | ୦.୧୭୦ | ୦.୧୭୦ | |
| | | ୯୭୦ | ବାହାଲ ପାଣି ଦୁଇ/୫ | ୦.୪୪୦ | ୦.୪୪୦ | |
| | | ୧୩୦୪ | ବାହାଲ ପାଣି ଦୁଇ | ୦.୧୦୦ | ୦.୧୦୦ | |
| | | ୧୩୨୦ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୩୨୬ | ମାଳ ସାଧାରଣ | ୦.୦୮୦ | ୦.୦୮୦ | |
| | | ୧୩୩୩ | ମାଳ ସାଧାରଣ | ୦.୨୫୦ | ୦.୨୫୦ | |
| | | ୧୭୬୩ | ଗୋଡ଼ା ଦୁଇ | ୦.୦୪୦ | ୦.୦୪୦ | |
| | | ୧୭୬୫ | ଗୋଡ଼ା ଦୁଇ | ୦.୦୪୦ | ୦.୦୪୦ | |
| | | ୧୭୬୭ | ଗୋଡ଼ା ଦୁଇ | ୦.୦୭୦ | ୦.୦୭୦ | |
| | | ୧୭୬୮ | ଗୋଡ଼ା ଦୁଇ | ୦.୦୩୦ | ୦.୦୩୦ | |
| ୫୦ | ୧୮୭ | ୯୬୫ (ସ୍ଥ) | ବାହାଲ ପାଣି/୨/୨ | ୦.୪୧୦ | ୦.୨୪୦ | ସୁଦର୍ଶନ ପଧାନ, ପି.- ନିଲାଦ୍ରି ପଧାନ, ଜା: ଚଷା, ବା: ନିଜଗାଁ |
| | | ୧୨୭୮ | ମାଳ ସାଧାରଣ/୭ | ୦.୧୧୦ | ୦.୧୧୦ | |
| | | ୧୨୮୧ | ମାଳ ସାଧାରଣ | ୦.୦୬୦ | ୦.୦୬୦ | |
| | | ୧୩୦୫ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୨୭ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| | | ୧୪୨୯ | ମାଳ ସାଧାରଣ | ୦.୦୨୦ | ୦.୦୨୦ | |
| | | ୧୪୩୯ | ମାଳ ସାଧାରଣ | ୦.୦୪୦ | ୦.୦୪୦ | |
| | | ୧୪୬୪ | ମାଳ ସାଧାରଣ | ୦.୦୩୦ | ୦.୦୩୦ | |
| ୫୧ | ୧୯୧ | ୧୨୪୫ | ମାଳ ସାଧାରଣ/୨ | ୦.୧୫୦ | ୦.୧୫୦ | ହୃଷୀକେଶ ବେହେରା, ପି.- ଦାଶ ବେହେରା, ଜା: ଚଷା, ବା: ନିଜଗାଁ |
| | | ୧୩୦୨ | ମାଳ ସାଧାରଣ/୪ | ୦.୦୮୦ | ୦.୦୮୦ | |
| | | ୧୩୫୪ (ସ୍ଥ) | ମାଳ ସାଧାରଣ | ୦.୧୦୦ | ୦.୦୫୦ | |
| | | ୧୭୪୫ (ସ୍ଥ) | ଗୋଡ଼ା ଦୁଇ | ୦.୪୪୦ | ୦.୨୨୦ | |
| ୫୨ | ୧୯୪/୫ | ୬୭୦ | ବେର୍ଣ୍ଣା ସାଧାରଣ | ୦.୧୨୦ | ୦.୧୨୦ | ପର୍ଶୁରାମ ସାହୁ, ପି.- ଦୟାନିଧି ସାହୁ, ଜା: ଚଷା, ବା: ଗୁରୁଜାଙ୍ଗ, ଥାନା: ପାଲଲହଡ଼ା |
| ୫୩ | ୧୯୪/୭ | ୧୬୫୧ | ମାଳ ସାଧାରଣ | ୦.୧୪୦ | ୦.୧୪୦ | ସନୁ ରାଉତ, ପି.- ଲକ୍ଷ୍ମଣ ରାଉତ, ଜା: ଥୋଡ଼ିଆ, ବା: ନିଜଗାଁ |
| | | ୧୬୫୨/ ୨୭୨୧ | ମାଳ ସାଧାରଣ | ୦.୦୮୦ | ୦.୦୮୦ | |
| | | ୧୬୫୨/ ୨୭୨୨ | ମାଳ ସାଧାରଣ | ୦.୧୨୦ | ୦.୧୨୦ | |

**ଗୋଟିଏ ରାତିରେ ୪ ମନ୍ଦିରରୁ ଚୋରି**

ସୋର, (ଡି.ଏନ.ଏ.)-ସୋର ଥାନା ପାଖର ପଞ୍ଚାୟତ ଦୁର୍ଗାପୁର ଗ୍ରାମରେ ଥିବା ୪ ମନ୍ଦିରରୁ ରବିବାର ବିଳମ୍ବିତ ରାତିରେ ସୁନା, ରୁପା ଗହଣା ସହ ହୁଣ୍ଡି ବାକ୍ସ ଭାଙ୍ଗି ଦାନ ଅର୍ଥ ଚୋରି ହୋଇଥିବା ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ରଘୁନାଥଜୀଉ, ହନୁମାନ, ମା' ମୁଣ୍ଡଳେଶ୍ୱରୀ, ଗଡଚଣ୍ଡି ମନ୍ଦିର ଗ୍ରୀଲ ଭାଙ୍ଗି ୬ଟି ସୁନା ଚିତା, ୩ଟି ବଡ ରୁପା ମୁକୁଟ ଓ ୬ଟି ଛୋଟ ରୁପା ମୁକୁଟ ସହ ହୁଣ୍ଡି ଦାନ ଅର୍ଥ ଚୋରି ହୋଇଛି। ମାସକତଳେ ଥାନାଠାରୁ ଶହେ ମିଟର ଦୂରରେ ଥିବା ଗହଣା ଦୋକାନର ସ୍କାଏଲାଇଟ୍ ଭାଙ୍ଗି ଅଳଙ୍କାର ଚୋରି ହୋଇଥିବା ସିସିଟିଭି ଫୁଟେଜ୍‌ରୁ ଦୁର୍ବୃତ୍ତଙ୍କ ଚେହେରା ସ୍ପଷ୍ଟ ଜଣାପଡୁଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ହାତ ଖାଲି ରହିଛି।

## ସଂକ୍ଷେପରେ

### ଭିଜନ -୨୦୨୪ ପାଇଁ ଖେଳାଳି ମନୋନୀତ

ବାରିପଦା ଅଫିସ,୩୧।୧: ଓଡ଼ିଶା କ୍ରିକେଟ ଆସୋସିଏସନ ସହଯୋଗରେ ଭିଜନ-୨୦୨୪ ମ୍ୟାଚ ପାଇଁ ମୟୂରଭଞ୍ଜ ଆସୋସିଏସନ ପକ୍ଷରୁ ବାରିପଦା ଷ୍ଟାଡିୟମରେ ଖେଳାଳି ଚୟନ କରାଯାଇଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୦ଖେଳାଳିଙ୍କ ମଧ୍ୟରୁ ୩୦ଜଣଙ୍କୁ ଚୟନ କରାଯାଇ ଦୁଇଟି ଦଳ ଗଠନ କରାଯାଇଛି। ଜାନୁଆରୀ ୨ରୁ ଆରମ୍ଭ ହେବାକୁ ଥିବା ୨୦ଓଭର ବିଶିଷ୍ଟ ପ୍ରିଲିମିନାରୀ ଲିଗ୍ ମ୍ୟାଚରେ ୬ଟି ଦଳ ଅଂଶ ଗ୍ରହଣ କରିବେ। ଜାନୁଆରୀ ୬ରୁ ଓସିଏ ଭିଜନ -୨୦୨୪ରେ ୧୦ଟି ଦଳ ଅଂଶ ଗ୍ରହଣ କରିବା ସହ ୫୦ଓଭର ବିଶିଷ୍ଟ ମ୍ୟାଚ ଖେଳାଯିବ।

### ମଦ କାରଖାନାରେ ଚଢ଼ାଉ

ସୋର, ୩୧।୧(ଡି.ଏନ୍.ଏ.): ସୋମବାର ସୋର ବ୍ଲକ ନଟାପଡ଼ା ପଞ୍ଚାୟତର ବାଲିପୁର ଗ୍ରାମରେ ସୋର ପୋଲିସ ଏକ ସ୍ୱତନ୍ତ୍ର ଦଳ ଏକ ମଦ ରନ୍ଧା କାରଖାନା ଉପରେ ଚଢ଼ାଉ କରି ୧୦ହଜାର ଲିଟର ଗୁଡ଼ ପୋଚ ନଷ୍ଟ କରିବା ସହିତ ୫ହଜାର ୫୦୦ଲିଟର ଦେଶୀମଦ ସହ ମଦ ତିଆରି ସରଞ୍ଜାମ ଜବତ କରିଛି। ଚଢ଼ାଉ ବେଳେ ଅଭିଯୁକ୍ତମାନେ ପୋଲିସକୁ ଚକମା ଦେଖାଇ ଚମ୍ପଟ ମାରିଥିବା ଜଣାଯାଇଛି। ସୋର ଥାନା ଆଇଆଇସି ସୁଜାତା ଖମାରୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଏହି ଗ୍ରାମ ନିକଟରେ ଥିବା ଏକ ଜଙ୍ଗଲିଆ ଜାଗାରେ କେତେକ ଚୋରା ମଦ ବେପାରୀ ଡେରାପକାଇ ମଦ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ସମ୍ପର୍କରେ ସୂଚନା ପାଇ ଚଢ଼ାଉ କରିଥିଲେ।

# ସମ୍ମାନ ପାଇଁ ଲଢ଼େଇ

**ସଦର ବ୍ଲକ ମଇଦାନରେ ୩୨୨ ପ୍ରାର୍ଥୀ**

ବାରିପଦା ଅଫିସ,୩୧।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲା ବାରିପଦା ସଦର ବ୍ଲକରେ ୩୨୨ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ବ୍ଲକ ଅଧୀନ ଦୁଇଟି ଜିଲାପରିଷଦ ଜୋନରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବାର ସମ୍ଭାବନା ରହିଛି। ଉଭୟ ଦଳ ସମ୍ମାନ ପାଇଁ ଲଢ଼େଇ କରୁଛନ୍ତି। ପ୍ରାର୍ଥୀମାନେ ଘରକୁ ଘର ଓ ଗାଁକୁ ଗାଁ ବୁଲି ପ୍ରଚାର କରୁଥିବା ବେଳେ ସୋସିଆଲ ମିଡିଆକୁ ବେଶୀ ବ୍ୟବହାର କରୁଛନ୍ତି। ଆଞ୍ଚଳିକ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେବା ସହିତ ସମାଗ୍ରିକ ବିକାଶ ଦିଗରେ ପଦକ୍ଷେପ ନେବାକୁ ପ୍ରାର୍ଥୀମାନେ ଭୋଟରଙ୍କୁ ବୁଝାଉଛନ୍ତି।

୧୧ଟି ପଞ୍ଚାୟତକୁ ନେଇ ଗଠିତ ବାରିପଦା ସଦର ବ୍ଲକର ଦୁଇଟି ଜିଲାପରିଷଦ ଜୋନରେ ୱାର୍ଡସଭ୍ୟଠାରୁ ଆରମ୍ଭ କରି ଜିଲାପରିଷଦ ସଦସ୍ୟ ପର୍ଯ୍ୟନ୍ତ ଚଳିତ ଥର ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେଉଥିବା ଦେଖିବାକୁ ମିଳିଛି। ଏହି ବ୍ଲକର ମୋଟ ଭୋଟର ସଂଖ୍ୟା ୪୯ହଜାର ୮୬୮। ୨ଟି ଜିଲାପରିଷଦ ଜୋନ ମଧ୍ୟରୁ ୨୯ ଓ ୩୦ନଂ. ଆସନରେ ଯଥାକ୍ରମେ ୩ ଓ ୫ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେହିପରି ୧୧ଟି ପଞ୍ଚାୟତରେ ସରପଞ୍ଚ ପାଇଁ ୫୯ଜଣ ପ୍ରାର୍ଥୀ ଥିବା ବେଳେ ସମିତିସଭ୍ୟ ପାଇଁ ୫୧ ଓ ୱାର୍ଡମେମ୍ବର ପାଇଁ ୨୦୪ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ୨୦୧୭ ନିର୍ବାଚନରେ ୨୯ନଂ. ଜୋନରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିଲେ। ୨୯ନଂ. ଜିଲା ପରିଷଦ ଜୋନଟି ଶଙ୍ଖାଭଙ୍ଗା, ଭାଗବତଚନ୍ଦ୍ରପୁର, ହାତୀକୋଠ, ବୁଢ଼ିଖମାରୀ, ବଡ଼ଯୋଡ଼ ଓ ଖଡ଼ିଶୋଳର ୬ଟି ପଞ୍ଚାୟତକୁ ନେଇ ଗଠିତ। ଏହି ଆସନଟି ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୩ ପ୍ରାର୍ଥିନୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇ ଦଳୀୟ ଚିହ୍ନ ସହ ପ୍ରଚାର ଆରମ୍ଭ କରିଛନ୍ତି। ବିଜେଡି ପକ୍ଷରୁ ଗତଥରର ବ୍ଲକ ଉପାଧ୍ୟକ୍ଷା ରବୀନ୍ଦ୍ର ମହାନ୍ତଙ୍କ ସ୍ତ୍ରୀ ସତ୍ୟଭାମା ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ପକ୍ଷରୁ ପ୍ରଭାବତୀ ମହାନ୍ତ ଓ କଂଗ୍ରେସର ସସ୍ମିତା ମହାନ୍ତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ସେହିପରି ବାଙ୍କିଶୋଳ, ରଜାବସା, ବେତନା, ଲକ୍ଷ୍ମୀପୋଷି ଓ ଚନ୍ଦନପୁରକୁ ମିଶାଇ ୫ଟି ପଞ୍ଚାୟତକୁ ନେଇ ୩୦ନଂ. ଜିଲା ପରିଷଦ ଜୋନ ଗଠିତ। ଗତ ୨୦୧୭ ନିର୍ବାଚନରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଚଳିତ ଥର ଆସନଟି ଅଣସଂରକ୍ଷିତ ଥିବା ବେଳେ ୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିର ଜିଲା ଯୁବ ସମ୍ପାଦକ ନରେନ୍ଦ୍ର ହାଁସଦାଙ୍କୁ ଏଥର ଟିକେଟ ମିଳିଥିବା ବେଳେ ଭାଜପା ପକ୍ଷରୁ ଧନଞ୍ଜୟ ମହାନ୍ତ, କଂଗ୍ରେସରୁ ପ୍ରଦୀପ କୁମାର ବେହେରା, ଜେଏମ୍ଏମ୍‌ରୁ କିଶୋର ହାଁସଦା ଓ ଆଜସୁ ପକ୍ଷରୁ ରୂପଚାନ୍ଦ ସୋରେନ ପ୍ରାର୍ଥୀ ହୋଇଛନ୍ତି। ଗତ ନିର୍ବାଚନରେ ଏହି ୨ଟି ଆସନରୁ ବିଜେଡି ଓ ଭାଜପା ଗୋଟିଏ ଲେଖାଏ ଆସନ ଅକ୍ତିଆର କରିଥିବା ବେଳେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ମଧ୍ୟ ଉଭୟ ଦଳର ପ୍ରାର୍ଥୀ ରହିଥିଲେ। ତେବେ ଚଳିତ ଥର ବାରିପଦା ବିଧାନସଭା କ୍ଷେତ୍ରରେ ଭାଜପାର ବିଧାୟକ ପ୍ରକାଶ ସୋରେନ ରହିଥିବା ବେଳେ ଦୁଇଟି ଆସନ ଅକ୍ତିଆର କରିବା ପାଇଁ ଭାଜପା ପକ୍ଷରୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରହିଛି। ଅନ୍ୟପକ୍ଷରେ ବିଜେଡି ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଣବ ପ୍ରକାଶ ଦାସ ଅସଜଡ଼ା ସଙ୍ଗଠନକୁ ସଜାଡ଼ି ଦଳକୁ ମଜବୁତ ସ୍ଥିତିରେ ରଖିଛନ୍ତି। ତେବେ ଭାଜପା ଓ ବିଜେଡି ପାଇଁ ଏହି ନିର୍ବାଚନ ସମ୍ମାନର ପ୍ରଶ୍ନ ବୋଲି ମତ ପ୍ରକାଶ ପାଇଛି।

## ବରିଷ୍ଠ ବନାମ ଛାତ୍ରନେତା

- ମାରାଥନ ପ୍ରଚାର, ପଥପ୍ରାନ୍ତ ସଭା
- ନୀଳଗିରି ବ୍ଲକ ୧୩ନଂ. ଜିଲା ପରିଷଦ ଜୋନ୍



ଗତିକୃଷ୍ଣ ନନ୍ଦ ତାପସ ମହାନ୍ତି

ସଜନାଗଡ଼, ୩୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ୧୩ନଂ. ଜିଲା ପରିଷଦ ଜୋନରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ସରଗରମ ହେବାରେ ଲାଗିଛି। ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ମାରାଥନ ପ୍ରଚାର ଓ ପଥପ୍ରାନ୍ତ ସଭା ମାଧ୍ୟରେ ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛନ୍ତି। ଏହି ଜୋନରେ ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦଙ୍କ ସହିତ ଭାଜପା ଛାତ୍ରନେତା ତାପସ ମହାନ୍ତିଙ୍କ ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଉଭୟ ପ୍ରାର୍ଥୀ ଭୋଟରଙ୍କୁ ମନାଇ ନିର୍ବାଚନୀ ବୈତରଣୀ ପାରି ହେବାକୁ କସରତ ଆରମ୍ଭ କରିଛନ୍ତି। ସୋମବାର ବିଜେଡି ପ୍ରାର୍ଥୀ ଗତିକୃଷ୍ଣ କେପି ଲାଖରାଜ ପଞ୍ଚାୟତର ତୈଳା ସାହିରେ ମାରାଥନ ପ୍ରଚାର ସହ ପଥପ୍ରାନ୍ତ ସଭା କରିଥିଲେ। ତାଙ୍କ ସହିତ ଦଳୀୟ କର୍ମୀମାନେ ଉପସ୍ଥିତ ରହି ଜିଲା ପରିଷଦ, ଦଳୀୟ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ। ବିଜେଡି ସରକାରର ବିକାଶ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇ ଭୋଟରଙ୍କ ଶ୍ରଦ୍ଧାଭାଜନ ହେବାକୁ ଆଶା ରଖିଥିବା ଗତିକୃଷ୍ଣ କହିଛନ୍ତି। ସେହିପରି ଭାଜପା ଛାତ୍ରନେତା ତାପସ କାଂଶ ପଞ୍ଚାୟତର ସାଗ୍ରମପୁରର ଘର ଘର ବୁଲି ଜନସାଧାରଣଙ୍କୁ ଭେଟି ଭୋଟ୍ ଦେବା ପାଇଁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ଗୁରୁଜନମାନଙ୍କୁ ସମ୍ମାନ, ଲଘୁଜନମାନଙ୍କୁ ସ୍ନେହ ଓ ମାତୃଶକ୍ତିକୁ ସଶକ୍ତ କରିବା, ଯୁବଶକ୍ତିକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ଅଞ୍ଚଳକୁ ସମୃଦ୍ଧ କରିବା ଲକ୍ଷ୍ୟ ନେଇ ସେ ନିର୍ବାଚନ ଲଢୁଥିବା ସୂଚନା ଦେଇଛନ୍ତି। ତେବେ ଲୋକେ କାହାକୁ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ହଟାଗଲା ହୋର୍ଡିଂ

**ଧରିତ୍ରୀ ପ୍ରଭାବ**

ଭଣ୍ଡାରିପୋଖରୀ, ୩୧।୧ (ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗ୍ରାମାଞ୍ଚଳରେ ତିନି ପ୍ରମୁଖ ଦଳ ପକ୍ଷରୁ ପ୍ରଚାର ଆରମ୍ଭ ହୋଇଯାଇଛି। ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଉଥିବା ଏବଂ ଦଳର ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ହୋର୍ଡିଂ ହଟାଇବା ପାଇଁ ନିର୍ବାଚନ କମିଶନ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଅନେକ ସରକାରୀ ସ୍ଥାନରେ ହୋର୍ଡିଂ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସୋମବାର ଧରିତ୍ରୀରେ 'ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ହଟାଯାଉନି ହୋର୍ଡିଂ' ଖବର ପ୍ରକାଶ ପରେ ତହସିଲଦାର ସରୋଜକାନ୍ତ ନାୟକ ରହଣିଆ ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଲାଗିଥିବା ହୋର୍ଡିଂକୁ ହଟାଇଛନ୍ତି। ବିରୋଳି ଓ ଅନ୍ୟ ସ୍ଥାନଗୁଡ଼ିକରୁ ମଧ୍ୟ ହୋର୍ଡିଂ ହଟାଯାଇଛି।



ରହଣିଆ ପଞ୍ଚାୟତ କାର୍ଯ୍ୟାଳୟ ପାଚେରିକୁ ଲାଗିରହିଥିବା ହୋର୍ଡିଂକୁ ହଟାଯାଉଛି।

## ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଦ୍ରକ ଅଫିସ, ୩୧।୧

ଭଦ୍ରକ ଗବସାହି ସ୍ଥିତ ତାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସ ସ୍ଥାପନ, ସୂର୍ଯ୍ୟପୂଜା, ଗ୍ରହଶାନ୍ତି ପୂଜା, ମା'ଙ୍କ ଉପଚାର ପୂଜା, ବିଶ୍ୱଶାନ୍ତି ମହାଯଜ୍ଞ, ଚଣ୍ଡୀପାଠ ଆଦି କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ଜଗବନ୍ଧୁ ପାଣି, ମୁଖ୍ୟ ଉପଦେଷ୍ଟା ନରେନ୍ଦ୍ର ଦାସ, ସମ୍ପାଦକ ଅନୁପ ସାହୁ, ଉପସଭାପତି ସରୋଜ ରାଉଳ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ବିଦ୍ରୋହୀଙ୍କ ପାଇଁ ବଢୁଛି ଅଡୁଆ

- ମଇଦାନରେ ୧୮ ଜିଲା ପରିଷଦ, ୧୮୨ ସରପଞ୍ଚ, ୧୫୯ ସମିତିସଭ୍ୟ ପ୍ରାର୍ଥୀ
- ଶଙ୍ଖାମେଦୀରେ ନାହାନ୍ତି ୱାର୍ଡସଭ୍ୟ ପ୍ରାର୍ଥୀ

ଭୋଗରାଇ, ୩୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ୫୦ ପଞ୍ଚାୟତ ଓ ୬ଜିଲାପରିଷଦ ଜୋନ୍ ରହିଛି। ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ସମର୍ଥିତ ପ୍ରାର୍ଥୀ ସମେତ ବିଜେଡି ଓ ଭାଜପାର ବିଦ୍ରୋହୀ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷରେ କୌଶଳଗତ ଭାବେ ବିଭିନ୍ନ ପଞ୍ଚାୟତରେ ଲୋକମତକୁ ନେଇ ସରପଞ୍ଚ ଓ ସମିତିସଦସ୍ୟ ପ୍ରାର୍ଥୀମାନେ ନିର୍ବାଚନ ଲଢୁଛନ୍ତି। ଭୋଗରାଇରେ ୫୦ ପଞ୍ଚାୟତରେ ୧୮ ଜିଲା ପରିଷଦ ପ୍ରାର୍ଥୀ, ୧୮୨ ସରପଞ୍ଚ ଓ ୧୫୯ ସମିତିସଭ୍ୟ ନିର୍ବାଚନରେ ଅଂଶଗ୍ରହଣ କରିଛନ୍ତି। ୧୨ରୁ ୧୬ପଞ୍ଚାୟତରେ ବିଜେଡି ବିଦ୍ରୋହୀ ପ୍ରାର୍ଥୀ ଓ ୫ରୁ ୬ ପଞ୍ଚାୟତରେ ଭାଜପା ବିଦ୍ରୋହୀ ପ୍ରାର୍ଥୀ ଦୁଇ ଦଳକୁ ଅଡୁଆରେ ପକାଇଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରାର୍ଥୀମାନେ ଗାଁ, ହାଟବଜାରରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ରାତିଦିନ ଏକ କରିଦେଇଛନ୍ତି। ସବୁଠି ଭୋଜିଭାତ, ପ୍ୟାକେଟ, ପାନୀୟ ଆୟୋଜନ ହେଉଥିବା ବେଳେ ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ ୫ବର୍ଷର ଲୋକପ୍ରତିନିଧିଙ୍କ କାର୍ଯ୍ୟକୁ ପରଖୁଛନ୍ତି। ଏଭଳି ସ୍ଥିତିରେ ବିଦ୍ରୋହୀ, ସ୍ୱାଧୀନ ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ ପଞ୍ଚାୟତ ଦଖଲକୁ ନେଇ ଅଣ୍ଟା ଭିଡ଼ିଛନ୍ତି। ଓଡ଼ିଶା ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ଥିବା ଶଙ୍ଖାମେଦୀ ଗ୍ରାମରେ ସୋମବାର ସୁଦ୍ଧା ଉକ୍ତ ଗ୍ରାମର କେହି ୱାର୍ଡ ସଦସ୍ୟ ଭାବେ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ବିଡିଓ ଶଙ୍କର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଗ୍ରାମରୁ ଓଡ଼ିଶା ସରକାର ରାଜସ୍ୱ ଆଦାୟ କରୁ ନ ଥିବାରୁ ଜାତିଗତ ପ୍ରମାଣପତ୍ର ଯୋଗାଡ଼ କରି ନ ପାରି ୱାର୍ଡସଭ୍ୟ ପ୍ରାର୍ଥୀ ଦିଆହୋଇପାରିନାହିଁ ବୋଲି ପୂର୍ବତନ ୱାର୍ଡ ସଦସ୍ୟ ଅଜୟ ଜେନା ପ୍ରକାଶ କରିଛନ୍ତି। ଏତଦ୍‌ଭିନ୍ନ ମହେଶପୁର ପଞ୍ଚାୟତରେ ଜନମଞ୍ଚରେ ରବିବାର ମହାଦେବ ପ୍ରାଙ୍ଗଣରେ ମିଶନ ୨୦୨୨ ଘୋଷଣା କରାଯାଇ ପଞ୍ଚାୟତରେ ପାଣି ନିଷ୍କାସନ, ନୂତନ ପଞ୍ଚାୟତ ଗୃହ ନିର୍ମାଣ, ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଖବରଦାତା ସମ୍ମିଳନୀରେ ପ୍ରାର୍ଥିନୀ ଓ ପ୍ରାର୍ଥୀଙ୍କୁ ଆହ୍ୱାନ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସ୍ୱାଧୀନ ପ୍ରାର୍ଥୀ ବରେନ୍ଦ୍ର ପାତ୍ର, ସୁଭଦ୍ରା ସେଠୀ, ସାମାଜିକ କର୍ମୀ ପ୍ରଦୀପ ନାୟକ ଓ ବୁଦ୍ଧେଶ୍ୱର ଭାୟା ଉପସ୍ଥିତ ଥିଲେ।

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ହାଲ କିସମ | ମୋଟ ରକବା (ଏକରରେ) | ପ୍ରସ୍ତାବିତ ଭୂ-ଅର୍ଜନ ରକବା (ଏକରରେ) | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୫୪ | ୧୯୪/୧୬ | ୭୭୬/ ୨୫୩୧ (ସ୍ୱ) | ମାଳ ସାଧାରଣ | ୦.୨୬୦ | ୦.୦୧୦ | ପ୍ରତାପ ଚନ୍ଦ୍ର ପଧାନ, ପି.- ନାରାୟଣ ଚନ୍ଦ୍ର ପଧାନ, ଜା: ଚଷା, ବା: ନିଜଗାଁ |
| | | ୭୭୬/ ୨୫୪୩ (ସ୍ୱ) | ମାଳ ସାଧାରଣ | ୦.୩୫୦ | ୦.୦୨୦ | |
| ୫୫ | ୧୯୪/୮୭ | ୯୬୯ (ସ୍ୱ) | ବାହାଲ ପାଣି ଦୁଇ | ୦.୩୦୦ | ୦.୦୮୦ | ଲମ୍ବୋଦର ସାହୁ, ପି.- ଦାଶରଥି ସାହୁ, ଜା: ଚଷା, ବା: ନିଜଗାଁ |
| ୫୬ | ୧୯୪/୯୧ | ୬୭୪ (ସ୍ୱ) | ବେର୍ଣ୍ଣା ସାଧାରଣ | ୦.୦୭୦ | ୦.୦୧୦ | ଧନେଶ୍ୱର ନାୟକ, ପି.- ନିଳାଦ୍ରି ନାୟକ, ଜା: ଚଷା, ବା: ନିଜଗାଁ |
| | | ୬୭୫ | ବେର୍ଣ୍ଣା ସାଧାରଣ | ୦.୧୪୦ | ୦.୧୪୦ | |
| ୫୭ | ୧୯୪/୧୦୦ | ୧୭୭୮ | ବାହାଲ ପାଣି ଦୁଇ | ୦.୧୭୦ | ୦.୧୭୦ | ଲମ୍ବୋଦର ସାହୁ, ପି.- ଦାଶ ସାହୁ, ଜା: ଚଷା, ବା: ଗୋଳାବନ୍ଧ |
| ୫୮ | ୧୯୪/୧୦୭ | ୧୪୭୮ | ମାଳ ସାଧାରଣ | ୦.୦୨୦ | ୦.୦୨୦ | କୁମାରୀ ବେହେରା, ସ୍ୱା.- ପୂର୍ଣ୍ଣ ଚନ୍ଦ୍ର ବେହେରା, ଜା: ଚଷା, ବା: ନିଜଗାଁ |
| | | | | ୪୧.୫୯୦ | ୨୮.୪୨୦ | |

ସ୍ୱା./- ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ସୁନ୍ଦରଗଡ଼

ସ୍ୱା./- ସୁଧାଂଶୁ ମୋହନ ସାମଲ, ଭା.ପ୍ର.ସେ.
ଜିଲ୍ଲାପାଳ, ଦେବଗଡ଼

OIPR-24010/14/0011/2122

## ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ: ହରଡ଼ଘଣାରେ କିରାଣି

ବାସୁଦେବପୁର, ୩୧।୧ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆର୍ଡୁଁ ପଞ୍ଚାୟତର ଭେକଣ୍ଡକ ଉଚ୍ଚ ବିଦ୍ୟାପୀଠରେ କାର୍ଯ୍ୟରତ କିରାଣି ପଞ୍ଚାୟତ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରି ହରଡ଼ଘଣାରେ ପଡ଼ିଛନ୍ତି। ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଚାଲିଥିବା ବେଳେ ବ୍ଲକ ପରିସର ବିଡିଓଙ୍କ କାର୍ଯ୍ୟାଳୟରେ ଜଣେ ସମିତିସଭ୍ୟ ନାମାଙ୍କନ ଦାଖଲ କରୁଥିଲେ। ତାଙ୍କ ସହ ସମ୍ପୃକ୍ତ କିରାଣି ଉପସ୍ଥିତ ରହିଥିବା ଭିଡିଓ ଭାଇରାଲ ହୋଇଛି। ଜଣେ ସରକାରୀ କର୍ମଚାରୀ ହୋଇ କିପରି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ବେଳେ ଉକ୍ତ କିରାଣି ଉପସ୍ଥିତ ଥିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଭିଡିଓ ଭାଇରାଲ ହେବା ପରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଇଛି। ତୁରନ୍ତ ତାଙ୍କୁ ବିଦ୍ୟାପୀଠରୁ ଅପସାରଣ କରି ନିଆଯାଇ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ଏ ସମ୍ପର୍କରେ କିରାଣିଙ୍କ ମତାମତ ମିଳିପାରି ନାହିଁ। ତେବେ ବିଭିନ୍ନ ସ୍ଥାନରେ ଅନୁରୂପ ଭାବେ ସରକାରୀ କର୍ମଚାରୀମାନେ ପ୍ରତ୍ୟେକ୍ଷ ରାଜନୀତିରେ ସମ୍ପୃକ୍ତି ଥିବା ଅଭିଯୋଗ ହେଉଛି।

## କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପୋଲିସର ତଦନ୍ତ

**୨ ଅଫିସରଙ୍କୁ ମାଡ଼ ଘଟଣା**

ବାରିପଦା ଅଫିସ,୩୧।୧

ଦୁଇ ଅଧିକାରୀଙ୍କୁ ମାଡ଼ ଘଟଣାରେ ବାରିପଦା ଟାଉନ ପୋଲିସ ସୋମବାର ମୟୂରଭଞ୍ଜ ଭାଜପା ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀଙ୍କ ବାରିପଦାର ତକତପୁର ସ୍ଥିତ ଅଫିସରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ୮ଜଣିଆ ପୋଲିସ ସହ ସାଇଣ୍ଟିଫିକ ଟିମ୍ ଏହି ତଦନ୍ତ ପ୍ରକ୍ରିୟାରେ ସାମିଲ ଥିଲେ। ପ୍ରକାଶ ଥାଉକି, ଗତ ୨୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଟୁଡୁ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟର ୨ଜଣ ଅଧିକାରୀ ଅଶ୍ୱିନୀ କୁମାର ମଲ୍ଲିକ ଏବଂ ଦେବାଶିଷ ମହାପାତ୍ରଙ୍କୁ ତକତପୁର ସ୍ଥିତ ତାଙ୍କ କାର୍ଯ୍ୟାଳୟକୁ ଡାକିଥିଲେ। ସେମାନେ ଆସିବାରେ ବିଳମ୍ବ କରିବାରୁ କେନ୍ଦ୍ରମନ୍ତ୍ରୀ ରାଗିଯାଇ ଏକ ଚେୟାର ସାହାଯ୍ୟରେ ଆକ୍ରମଣ କରି ଜଣଙ୍କ ହାତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ପରେ କେନ୍ଦ୍ରମନ୍ତ୍ରୀ ଟୁଡୁ ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ। ତେବେ ଆକ୍ରମଣର ଶିକାର ହୋଇଥିବା ୨ ସରକାରୀ ଅଧିକାରୀ ବାରିପଦା ଟାଉନ ଥାନାରେ କେନ୍ଦ୍ରମନ୍ତ୍ରୀଙ୍କ ନାଁରେ ଥାନାରେ ଏତଲା ଦେବାପରେ ପୋଲିସ ତଦନ୍ତ ଜାରି ରଖିଛି।

## ମହିଳାଙ୍କୁ ଆକ୍ରମଣ କରି ଟଙ୍କା, ସୁନାହାର ଲୁଟ୍

ଭଦ୍ରକ ଅଫିସ, ୩୧।୧

ଭଦ୍ରକରେ ପୁଣି କଳା ପଲ୍‌ସର ଆତଙ୍କ। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ବୁଡ଼ଙ୍ଗ ହଳଧରବିନ୍ଧା ନିକଟରେ ବାଇକ୍‌ରେ ଯାଉଥିବା ଜଣେ ମହିଳାଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ନଗଦ ୪୦ ହଜାର ଟଙ୍କା ଓ ସୁନାହାର ଲୁଟି ନେଇଛନ୍ତି। ମହିଳାଙ୍କ ଏତଲାକୁ ଭିତ୍ତିକରି ବିଭିନ୍ନ ଦିଗରେ ଥିବା ସିସିଟିଭି ଫୁଟେଜ ଦେଖି ତଦନ୍ତ ଚାଲିଥିବା ତିହିଡ଼ି ଥାନାଧିକାରୀ ତପନ କୁମାର ପ୍ରଧାନ କହିଛନ୍ତି।

ସୂଚନା ଅନୁଯାୟୀ, ଭଦ୍ରକ ବ୍ଲକ କେଶପୁର ପାଣିଭଣ୍ଡାର ଗାଁର ଶିକ୍ଷୟିତ୍ରୀ ଭାର୍ଗବୀ ଜେନା ତିହିଡ଼ିରୁ ତାଙ୍କ ପୁଅ ସହ ବାଇକ୍‌ରେ ଘରକୁ ଫେରୁଥିଲେ। ବୁଡଙ୍ଗ ହଳଧରବିନ୍ଧା ନିକଟରେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ସେମାନେ ଭାର୍ଗବୀଙ୍କୁ ପଛପଟୁ ଧକ୍କା ମାରି ଛିନ୍ତାଇ ଉଦ୍ୟମ କରିଥିଲେ। ସେ ଟିକେ ସତର୍କ ହୋଇଯିବାରୁ ଦୁର୍ବୃତ୍ତମାନେ ଗୋଇଠା ମାରି କାନ୍ଧରୁ ଭ୍ୟାନିଟ୍ ବ୍ୟାଗ୍ ଛଡ଼ାଇ ନେଇ ଦ୍ରୁତଗତିରେ ଦୋଳସାହି ଅଭିମୁଖେ ଚାଲିଯାଇଥିଲେ। ପୁଅ ସହ ଭାର୍ଗବୀ ତଳେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଭାର୍ଗବୀ ଘରୁ ୨୦ ହଜାର ଟଙ୍କା ଆଣିଥିବା ବେଳେ ତିହିଡ଼ି ଏସ୍‌ବିଆଇ ଶାଖାରୁ ୭୦ହଜାର ଟଙ୍କା ଉଠାଇଥିଲେ। ଏହାପରେ ଜୁଏଲାରୀ ଦୋକାନରୁ ୫୦ହଜାର ଟଙ୍କାର ସୁନାହାର କିଣି ଅବଶିଷ୍ଟ ଟଙ୍କା ଧରି ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି।

## କଳାକୁ ଭଲ ପାଉଥିଲେ କୁଞ୍ଜବିହାରୀ

ଭୁବନେଶ୍ୱର, ୩୧।୧

ଓଡ଼ିଶାର ଜଣାଶୁଣା ମଞ୍ଚ ନାଟ୍ୟକାର କୁଞ୍ଜବିହାରୀ ରାଏ ଠିକ ବର୍ଷକ ପୂର୍ବରୁ ଦେହତ୍ୟାଗ କରିଥିଲେ। ସେ ମାତ୍ର ୭୬ବର୍ଷ ବୟସରେ ଘର ପରିବାର ବିଶେଷ କରି ତାଙ୍କର ପ୍ରିୟ ମଞ୍ଚକୁ ଛାଡି ଚାଲିଯାଇଛନ୍ତି। ତାଙ୍କ ମୃତ୍ୟୁକୁ ବର୍ତ୍ତମାନ ସୁଦ୍ଧା କେହି ବି ବିଶ୍ୱାସ କରିପାରୁନାହାନ୍ତି, କାରଣ କଳାକୁ ଭଲ ପାଉଥିବା ଜଣେ ମିଷ୍ଟଭାଷୀ ଓ ପରୋପକାରୀ ମଣିଷ ଏତେ ଶୀଘ ଯେ ଦୁନିଆ ଛାଡି ଚାଲିଯିବ ତାକୁ ଆଜି ବି କେହି ଗ୍ରହଣ କରିପାରୁନାହାନ୍ତି। କୁଞ୍ଜବିହାରୀ ପିଲାଟିଦିନରୁ ଲେଖା ଲେଖି କରିବାକୁ ବହୁତ ଭଲ ପାଉଥିଲେ, ଏପରିକି ସେ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ପଢିଲାବେଳେ ବି ଲେଖାଲେଖି ଜାରି ରଖିଥିଲେ। ବିଶେଷ କରି ନାଟକ, ଉପନ୍ୟାସ, ଅନୁସୃଜିତ ନାଟକ, ନାଟ୍ୟରୂପା ସହ ଗଳ୍ପ ଓ ସାହିତ୍ୟରେ ମଧ୍ୟ ସେ ରୁଚି ରଖି ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ବିଶେଷ କରି ତାଙ୍କ ପରିବାରବର୍ଗ, ଏଜି କଲୋନୀ ଓ ସ୍ଥାନୀୟ ବାସିନ୍ଦା ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**ଘୋଷଣା**

ନଥି ସଂ. IX (D)-08/2021-201 ତା–26.03.2021

No.V-41:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ଅତା**, ଥାନା- ରାମଚନ୍ଦ୍ରପୁର, ତହସିଲ- ଘସିପୁର, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୩ ତା- ୧୯।୦୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଅତା,** ଥାନା- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅତା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ ୧.୨୪ | ଏ ୦.୩୧ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

**ତଫସିଲ - ଖ**

**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା- କେନ୍ଦୁଝର ତହସିଲ- ଘସିପୁରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୮।୦୧।୨୦୧୯ ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, କେନ୍ଦୁଝର**

**ଭୂମି ଅନୁସୂଚୀ**

**ପ୍ରକଳ୍ପର ନାମ- ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ପ୍ରକଳ୍ପ ନିର୍ମାଣ ନିମନ୍ତେ**
**ମୌଜା:- ଅତା, ଥାନା:- ରାମଚନ୍ଦ୍ରପୁର, ତହସିଲ:- ଘସିପୁରା, ଭୂ- ଅର୍ଜନ ମାମଲା ସଂ:- ୦୧/୨୦୧୮**

| କ୍ରମିକ ନଂ. | ଖାତା ନଂ. | ରୟତଙ୍କ ନାମ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକରରେ) | ଅର୍ଜନ ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧୬୨ | ନାଥ ଯେନା, ପି- ଶଙ୍କର ଯେନା, ବା- ନିଜଗାଁ, ଜା- ପାଣ | ୧୦୯୨ | ଶାରଦ-୨ | ୦.୭୬ | ୦.୧୫ | |
| ୨ | ୨୬୨ | ମଣି ଚରଣ ପାଗଳ, ଆର୍ତ୍ତ ପାଗଳ, ନାରାୟଣ ପାଗଳ, ଜୟନ୍ତ ପାଗଳ, ପି- ଦୁଖୀ ପାଗଳ, ବା- ନିଜଗାଁ, ଜା- ତନ୍ତି | ୧୦୯୩/ ୧୬୬୩ | ବାଜେଫସଲ- ୧ | ୦.୪୮ | ୦.୧୬ | |
| | | ମୋଟ | | | ୧.୨୪ | ୦.୩୧ | |

OIPR-24045/14/0049/2122 ସ୍ୱା./- ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର

# ବିକାଶ ନାଁରେ ଗଛକଟାକୁ ବିରୋଧ

ବାଲେଶ୍ୱର ଅଫିସ, ୩୧।୧

ବାଲେଶ୍ୱର ସହରର ବିକାଶ ନାମରେ ବହୁ ପୁରୁଣା ଗଛକୁ କାଟି ଦିଆଯାଉଥିବାରୁ ସିଭିଲ ସୋସାଇଟି ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଉଠାଜଳସେଚନ କର୍ମଚାରୀ ଭବନରେ ଆୟୋଜିତ ବୈଠକରେ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରି ଆବଶ୍ୟକ ନ ଥାଇ ଗଛଗୁଡ଼ିକୁ କାଟିବା ପରିବେଶ ପାଇଁ ବିପଦସଙ୍କେତ ବୋଲି କହିଥିଲେ। ମହାମାରୀ କରୋନା ସମୟରେ ଅମ୍ଳଜାନ ପାଇଁ ସାରା ବିଶ୍ୱ ଉଦ୍ବେଳିକଳ ହେଉଥିବା ବେଳେ କେବଳ ଗଛ ହିଁ ପ୍ରକୃତିକୁ ବଞ୍ଚାଇପାରିବ ବୋଲି ପରିବେଶବିତ୍‌ମାନେ ମତ ଦେଉଥିବା ବେଳେ ଜିଲା ପ୍ରଶାସନ ଏନେଇ ଆଦୌ ସଚେତନ ନ ଥିବା ଦୁର୍ଭାଗ୍ୟଜନକ ବୋଲି ସମ୍ପାଦକ ମନୋଜ ନାୟକ କହିଛନ୍ତି। କିଛିଦିନ ପୂର୍ବରୁ ଜିଲାପାଳ ଅଫିସ୍‌ର ମୁଖ୍ୟ ପ୍ରବେଶ ଫାଟକ ପାର୍ଶ୍ୱରେ ଥିବା ବହୁ ପୁରାତନ ଗଛକୁ କାଟି ଦିଆଯାଇଥିବା ବେଳେ ଏବେ ପୋଲିସ୍ ହାଇସ୍କୁଲ୍ ପରିସର ଓ ପାଚେରି ପାର୍ଶ୍ୱରେ ଥିବା ବର, ନିମ୍ବ, ୟୁକାଲିପଟାସ ଓ ଅନ୍ୟାନ୍ୟ ବଡ଼ ବଡ଼ ଗଛଗୁଡ଼ିକୁ କାଟି ଦିଆଯାଇଛି। ବିକାଶ ନାମରେ ଗଛଗୁଡ଼ିକୁ କଟା ନ ଯାଇ ଉନ୍ନତିମୂଳକ କାର୍ଯ୍ୟ କିପରି କରାଯିବ ସେଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ବୈଠକରେ ମତପ୍ରକାଶ ପାଇଛି। ଯଦି ଏଭଳି ଭାବେ ଗଛକଟାକୁ ପ୍ରଶାସନ ପକ୍ଷରୁ ବନ୍ଦ କରା ନ ଯାଏ ତେବେ ଆଗାମୀ ଦିନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଲକ୍ଷ୍ମୀଧର ବେହେରା, ସୁଦର୍ଶନ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ରଘୁନାଥ ଲେଙ୍କା, ସନ୍ଧ୍ୟା ଭୂୟାଁ, ପରମାନନ୍ଦ ପଣ୍ଡା, ସଞ୍ଜିତ୍ କୁମାର ପତି ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ସିଭିଲ୍ ସୋସାଇଟିର କର୍ମକର୍ତ୍ତା।

